◆ Bhubaneswar, March 1-15, 2026
◆ ଭୁବନେଶ୍ୱର, ମାର୍ଚ୍ଚ ୧-୧୫, ୨୦୨୬
◆ Vol. -09 ◆ Issue -06
◆ ଭାଗ-୦୯ ◆ ସଂଖ୍ୟା-୦୬
◆ Rs. 2.00 /- ◆ Pages: 04
◆ ମୂଲ୍ୟ: ଟ୨.୦୦ ◆ପୃଷ୍ଠା ସଂଖ୍ୟା: ୦୪
◆ପାକ୍ଷିକ ◆FORTNIGHTLY

RNI Regd. No.: ODIODI/2017/74065
email: pratishabda7@gmail.com

# ପ୍ରତିଶବ୍ଦ
The Pratishabda

## ଅରବିନ୍ଦ କେଜ୍ରିୱାଲଦ୍ୱିସୋଦିଆ ନିର୍ଦ୍ଦୋଷ

ନୂଆଦିଲ୍ଲୀ :ପୂର୍ବତନ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲ କଥିତ ଦିଲ୍ଲୀ ଉତ୍ପାଦ ନୀତି ଦୁର୍ନୀତିରେ ନିର୍ଦ୍ଦୋଷ ସାବ୍ୟସ୍ତ ହେବା ପରେ, ଆମ ଆଦମୀ ପାର୍ଟିର ରାଷ୍ଟ୍ରୀୟ ସଂଯୋଜକ ଏବଂ ପୂର୍ବତନ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲ ଆଜି କହିଛନ୍ତି ଯେ କୋର୍ଟ ସମସ୍ତ ଅଭିଯୋଗ ଖାରଜ କରି ସମସ୍ତ ଅଭିଯୁକ୍ତଙ୍କୁ ମୁକ୍ତ କରିଛନ୍ତି। ଶ୍ରୀ କେଜରିୱାଲ କହିଛନ୍ତି ଯେ ସେ ସତ୍‌ଚୋଟ, ଏବଂ ସତ୍ୟର ଜୟ ହୋଇଛି। କଥିତ ଦିଲ୍ଲୀ ଉତ୍ପାଦ ନୀତି ଦୁର୍ନୀତିରେ ଅରବିନ୍ଦ କେଜରିୱାଲ, ମନୀଷ ସିସୋଦିଆ ଏବଂ ଅନ୍ୟ ଅଭିଯୁକ୍ତଙ୍କୁ ମୁକ୍ତ କରାଯିବା ସମ୍ପର୍କରେ ବିଜେପି ମୁଖପାତ୍ର ସୁଧାଂଶୁ ତ୍ରିବେଦୀ କହିଛନ୍ତି ଯେ ପ୍ରମାଣ ଅଭାବରୁ ନିମ୍ନ ଅଦାଲତ ସେମାନଙ୍କୁ ମୁକ୍ତ କରିଛନ୍ତି। ଏହାକୁ ଏକ ବୈଷୟିକ ମାମଲା ବୋଲି କହି ସେ ଅଭିଯୋଗ କରିଛନ୍ତି ଯେ ଶହ ଶହ ମୋବାଇଲ୍ ଫୋନ୍ ଏବଂ ସିମ୍ କାର୍ଡ ନଷ୍ଟ କରାଯାଇଛି।

# ୨୦୩୬ ସୁଦ୍ଧା ବିକଶିତ ଓଡ଼ିଶା ସହ ୨୦୪୭ ସୁଦ୍ଧା ବିକଶିତ ଭାରତ



(ଜୀତେନ୍ଦ୍ର ପତି)

ଭୁବନେଶ୍ୱର : ଓଡ଼ିଶା ସରକାରଙ୍କ ଯୋଜନା ଓ ସଂଯୋଜନ ବିଭାଗ ଏବଂ ଓଡ଼ିଶା ସେଣ୍ଟର ଫର ଇଣ୍ଟିଗ୍ରେଟେଡ୍ ? ଡେଭେଲପମେଣ୍ଟ (ଓସିଆଇଡି) ର ମିଳିତ ଆନୁକୂଲ୍ୟରେ ୨ ଦିନିଆ 'ବିକାଶ ମନ୍ଥନ' ୧.୦ ପରାମର୍ଶ ସମ୍ମିଳନୀ ଆଜିଠାରୁ ଲୋକସେବା ଭବନସ୍ଥିତ କନ୍‌ଭେନ୍‌ସନ ସେଣ୍ଟର ଠାରେ ଆରମ୍ଭ ହୋଇଛି । ମୁଖ୍ୟ ଶାସନ ସଚିବ, ଓଡ଼ିଶା ଶ୍ରୀମତୀ ଅନୁ ଗର୍ଗ, ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ଦେଓ ରଞ୍ଜନ କୁମାର ସିଂ, ବିଶିଷ୍ଟ ବକ୍ତା ଭାବେ 'ଅର୍ଗାନାଇଜର' ପତ୍ରିକା ର ସମ୍ପାଦକ ଡଃ. ପ୍ରଫୁଲ୍ଲ କେଟକାର ଏବଂ ଓସିଆଇଡି ର କାର୍ଯ୍ୟକାରୀ ସଂପାଦକ ଶ୍ରୀ ରାଣା ପୃଥ୍ୱୀରାଜ ସିଂ ପ୍ରମୁଖ ଉଦଘାଟନୀ ଅଧିବେଶନରେ ଯୋଗ ଦେଇ ବିକଶିତ ଓଡ଼ିଶା ୨୦୩୬ ଏବଂ ବିକଶିତ ଭାରତ ୨୦୪୭ ଗଠନ ପରିପ୍ରେକ୍ଷୀରେ ନିଜ ନିଜର ଦୂରଦୃଷ୍ଟିସମ୍ପନ୍ନ ଆଭିମୁଖ୍ୟ ଉପସ୍ଥାପନ କରିଥିଲେ । କାର୍ଯ୍ୟକ୍ରମରେ ବହୁସଂଖ୍ୟାରେ ବୁଦ୍ଧିଜୀବୀ, ନାଗରିକ ସମାଜ, ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଜନସାଧାରଣ, ସ୍ୱେଚ୍ଛାସେବୀ ଅନୁଷ୍ଠାନ, ଗବେଷକ, ଶିକ୍ଷାବିତ୍ ଏବଂ ଓଡ଼ିଶା ବାହାରୁ ଅତିଥିମାନେ ଯୋଗଦେଇଛନ୍ତି ।

ସମ୍ମିଳନୀରେ ଯୋଗଦେଇ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଗର୍ଗ ବିକଶିତ ଓଡ଼ିଶା ୨୦୩୬ ଏବଂ ବିକଶିତ ଭାରତ ୨୦୪୭ ପାଇଁ ଲକ୍ଷ୍ୟଭିତ୍ତିକ ବିକାଶ ସଂପର୍କରେ ଏକ ସାରଗର୍ଭକ ବକ୍ତବ୍ୟ ଉପସ୍ଥାପନ କରି ସ୍ୱପ୍ନର ଓଡ଼ିଶା ଏବଂ ସ୍ୱପ୍ନର ଭାରତ ଗଠନ ପାଇଁ ଜନସାରଣଙ୍କର ସହଭାଗିତା ଲୋଡ଼ିଛନ୍ତି । ସେ କହିଥିଲେ ଯେ, ୩.୨ ଲକ୍ଷ ଲୋକଙ୍କ ମତାମତ ଓ ପ୍ରସ୍ତାବକୁ ନେଇ ଭିଜନ ଡକ୍ୟୁମେଣ୍ଟ୍ ପ୍ରସ୍ତୁତ କରାଯାଇଛି । ବିକଶିତ ଓଡ଼ିଶା ଓ ବିକଶିତ ଭାରତ ପାଇଁ ଦୀର୍ଘକାଳୀନ ରୋଡମ୍ୟାପକୁ ବାସ୍ତବତାରେ ପରିଣତ କରିବା ପାଇଁ ସମସ୍ତଙ୍କର ସ୍ୱପ୍ନ ରହିଛି । ମୁଖ୍ୟ ଶାସନ ସଚିବ କହିଥିଲେ ଯେ, ଆମର ଲକ୍ଷ୍ୟ ଆଖିଦୃଶିଆ ପରିବର୍ତ୍ତନ ପାଇଁ ଆକାଂକ୍ଷୀ ହେବା ଆବଶ୍ୟକ । ଏଥିପାଇଁ ଆମର ପରମ୍ପରାକୁ ଦୃଷ୍ଟିଦେଇ ବାସ୍ତବ ବିକାଶ ପ୍ରତି ଧ୍ୟାନ ଦେବାକୁ ହେବ । ରହୁଥିବା ବିଭିନ୍ନ ଆହ୍ୱାନକୁ ମୁକାବିଲା କରି ବିକାଶ ପଥରେ କାର୍ଯ୍ୟ କରିବାକୁ ସେ କହିଥିଲେ । ବିଭିନ୍ନ ଯୋଜନାର ସୁଫଳ ପାଉଥିବା ଜନସାଧାରଣଙ୍କୁ କେବଳ ହିତାଧିକାରୀ ନ ହୋଇ ସମସ୍ତେ ବିକାଶରେ ଅଂଶୀଦାରୀ ହେବାକୁ ସେ ଆହ୍ୱାନ ଦେଇଛନ୍ତି ।

ମୁଖ୍ୟ ଶାସନ ସଚିବ ଆହୁରି ମଧ୍ୟ କହିଥିଲେ ଯେ, ବିକଶିତ ଓଡ଼ିଶା ୨୦୩୬ ଏବଂ ବିକଶିତ ଭାରତ ୨୦୪୭ ଲକ୍ଷ୍ୟ ହାସଲ ପାଇଁ ଆମକୁ ମଧ୍ୟବର୍ତ୍ତୀକାଳୀନ ଲକ୍ଷ୍ୟ ହାସଲକୁ ଗୁରୁତ୍ୱ ଦେବାକୁ ହେବ । ଉନ୍ନୟନ, ସ୍ଥାୟୀ ତଥା ନିରନ୍ତରତା ଭିତ୍ତିରେ ବିକାଶ ଓ ଜଳବାୟୁ ପରିବର୍ତ୍ତନକୁ ଧ୍ୟାନ ଦେଇ କାର୍ଯ୍ୟ କରିବା ଉପରେ ସେ ଗୁରୁତ୍ୱ ଦେଇଥିଲେ । ସମସ୍ତଙ୍କୁ ମାନସିକ ଦୃଢତା ସହିତ ଆନ୍ତରିକ ପ୍ରୟାସ କରିବାକୁ ସେ ଆହ୍ୱାନ ଦେଇଛନ୍ତି । ଆମକୁ ୨୦୩୬ ରେ ବିକଶିତ ଓଡ଼ିଶା ଦେଖିବାକୁ ଗଲେ ଆଗାମୀ ଦଶ ବର୍ଷ ମଧ୍ୟରେ କଣ କଣ କଲେ ସ୍ୱପ୍ନର ଓଡ଼ିଶା ଗଠନ କରିପାରିବା, ସେଥିପ୍ରତି ସେ ଗୁରୁତ୍ୱ ଦେଇଥିଲେ । ସେ କହିଥିଲେ ଯେ, ଯେ ଏବେ ବଜେଟରେ ଆମେ ୩.୧୦ ଲକ୍ଷ କୋଟି ବ୍ୟବସ୍ଥା କରିଥିବା ବେଳେ ଏଥିରେ ବିଭିନ୍ନ କାର୍ଯ୍ୟକ୍ରମ ବାବଦକୁ ୫୮ ପ୍ରତିଶତ ରହିଛି ଏବଂ ଭିତ୍ତିଭୂମି ବିକାଶକୁ ୨୩.୨ ପ୍ରତିଶତ ରହିଛି । ଆମର ଆର୍ଥିକ ସ୍ଥିତି ସୁଦୃଢ ରହିଛି । ୧୫ ରୁ ୬୪ ବର୍ଷ ବୟସ ମଧ୍ୟରେ କାର୍ଯ୍ୟକ୍ଷମ ଯୁବଶକ୍ତି ଓ ବ୍ୟକ୍ତିଙ୍କ ହାର ପ୍ରାୟ ୭୦ ପ୍ରତିଶତ ରହିଛି, ସେମାନେ ଆମର ସମ୍ବଳ । ଭୌଗୋଳିକ ଦୃଷ୍ଟିକୋଣରୁ ଦେଖିଲେ ଆମର ବ୍ୟାପକ ଖଣିଜ ସମ୍ପଦ, ଜଳ ସଂପଦ, ସାମୁଦ୍ରିକ ବେଳାଭୂମି , ଜଙ୍ଗଲ ସମ୍ପଦ ଆଦି ରହିଛି ଏବଂ ଶିଳ୍ପ ବିକାଶ ପାଇଁ ଆମର ସ୍ୱତନ୍ତ୍ର ନୀତି ରହିଛି । ୨୦୩୬ ସୁଦ୍ଧା ଓଡ଼ିଶାର ୫୦୦ ବିଲିୟନ ଡଲାର ( ୧୫ ଲକ୍ଷ କୋଟି ) ଏବଂ ୨୦୪୭ ସୁଦ୍ଧା ଆର୍ଥିକ ଅଭିବୃଦ୍ଧି ୧.୫ ଟ୍ରିଲିୟନ ଡଲାର( ୧୫୦ ଲକ୍ଷ କୋଟି) ଆର୍ଥିକ ଅଭିବୃଦ୍ଧି ଲକ୍ଷ୍ୟ ହାସଲ କରିବାକୁ ଅଛି ।

ସେହି ଅନୁସାରେ ବିକାଶକୁ ତ୍ୱରାନ୍ୱିତ କରି ଆମକୁ ମୁଣ୍ଡପିଛା ଆୟ ବୃଦ୍ଧି କରିବା, ବ୍ୟବସାୟିକ କ୍ଷେତ୍ରରେ ଅଭିବୃଦ୍ଧି ହାସଲ କରିବାର ଅଛି । ନିରନ୍ତରତାଭିତ୍ତିରେ ସହରୀକରଣ, ବନ୍ଦରଭିତ୍ତିକ ବିକାଶ, ବିମାନବନ୍ଦର ସଂଖ୍ୟା ବଢାଇବା ଆଦି କ୍ଷେତ୍ରର ଗୁରୁତ୍ୱ ରହିଥିବା ମୁଖ୍ୟ ଶାସନ ସଚିବ ପ୍ରକାଶ କରିଥିଲେ । ୨୦୩୬ ପାଇଁ ୩୬ ଲକ୍ଷ୍ୟ ରହିଥିବା ସମ୍ପର୍କରେ ସେ ଗୁରୁତ୍ୱାରୋପ କରି ସମାବେଶୀ ବିକାଶ, ତୃଣମୂଳସ୍ତରରେ ସମସ୍ତ ସୁବିଧା ସୁଯୋଗ ପାଇଁ ଆଂଚ଼ଳିକ ବିକାଶରେ ତାରତମ୍ୟ ଦୂରକରିବା , ମହିଳା ଶ୍ରମ ଶକ୍ତିର ଅଧିକ ଅଂଶଗ୍ରହଣ ସହ ଆର୍ଥିକ ବିକାଶ, କୃଷକଙ୍କ ବିକାଶ, ମତ୍ସ୍ୟ ଓ ପ୍ରାଣୀପାଳନ, ଖାଦ୍ୟ ନିରାପତ୍ତା, ପ୍ରଯୁକ୍ତିଭିତ୍ତିକ ବ୍ୟାପକ ନିଯୁକ୍ତି ସୃଷ୍ଟି, ଦକ୍ଷତା ବିକାଶ ଓ ଭିତ୍ତିଭୂମି ବିକାଶ, ସଡ଼କ, ସେତୁ, ଜଳବାୟୁ ସହନଶୀଳ ଭିତ୍ତିଭୂମି ସୃଷ୍ଟି ଏବଂ ଗୋଷ୍ଠୀ ସହଭାଗିତାରେ ବିପର୍ଯ୍ୟୟ ପରିଚ଼ାଳନାକୁ ସେ ଗୁରୁତ୍ୱ ଦେଇଥିଲେ । ଜୀବନଧାରଣ ମାନରେ ଉନ୍ନତି, ସ୍ୱାସ୍ଥ୍ୟ ସୁବିଧା ସହ ଦେଶ ବିଦେଶର ପର୍ଯ୍ୟଟକମାନଙ୍କ ପାଇଁ ଓଡ଼ିଶାକୁ ଦେଶର ପ୍ରଥମ ପସନ୍ଦର ଗନ୍ତବ୍ୟସ୍ଥଳ ଭାବେ ଉପସ୍ଥାପିତ କରି "ଥିଙ୍କ ଇଣ୍ଡିଆ–ଥିଙ୍କ ଓଡ଼ିଶା" ଚିନ୍ତାଧାରା ଲକ୍ଷ୍ୟ ରଖି ଆଗକୁ ବଢିବାକୁ ସେ ଆହ୍ୱାନ ଦେଇଥିଲେ ।

ସମ୍ମିଳନୀରେ ସ୍ୱାଗତ ଅଭିଭାଷଣ ପ୍ରଦାନ କରି ରାଜ୍ୟ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ଦେଓରଞ୍ଜନ କୁମାର ସିଂ 'ବିକାଶ ମନ୍ଥନ ୧ .୦' କୁ ଏକ "ଜ୍ଞାନ ଯଜ୍ଞ" ଭାବେ ବର୍ଣ୍ଣନା କରିଥିଲେ । ଏହା ଚିନ୍ତାନାୟକ, ନୀତି-ନିର୍ମାତା, କାର୍ଯ୍ୟାନ୍ୱୟନକାରୀ ଏବଂ ଜ୍ଞାନୀମାନଙ୍କର ଏକ ସମ୍ମ ?ଳନ, ଯେଉଁମାନେ ଓଡ଼ିଶାର ପ୍ରଗତି ପାଇଁ ପରିବର୍ତ୍ତନଶୀଳ ଧାରଣାକୁ ବାସ୍ତବତାରେ ଗଢ଼ିବାକୁ ପ୍ରତିବଦ୍ଧ । ଭାରତର ସଭ୍ୟତାମୂଳକ ମୂଲ୍ୟବୋଧ **(ପୃଷ୍ଠା-୨ ଦେଖନ୍ତୁ)**

# ୩ଲକ୍ଷ ୧୦ ହଜାର କୋଟିର ବଜେଟ୍ ଉପସ୍ଥାପନ କଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର : ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ବିଧାନସଭାରେ ରାଜ୍ୟ ବଜେଟ୍ ଉପସ୍ଥାପନ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ମାଝୀ। ଚଳିତ ବଜେଟ ଆକାର ୩ ଲକ୍ଷ ୧୦ ହଜାର କୋଟି ଟଙ୍କା ରହିଛି। ପ୍ରଶାସନିକ ଖର୍ଚ୍ଚ ପାଇଁ ୧ଲକ୍ଷ ୧୪ ହଜାର କୋଟି ଟଙ୍କାର ବ୍ୟବସ୍ଥା ରହିଛି। ସେହିପରି କାର୍ଯ୍ୟକ୍ରମ ଖର୍ଚ୍ଚ ବାବଦକୁ ୧ ଲକ୍ଷ ୮୦ ହଜାର କୋଟି , ବିପର୍ଯ୍ୟୟ ପରିଚାଳନା ପାଣ୍ଠି ପାଇଁ ୫ ,୩୭୫ କୋଟି , ରାଜ୍ୟ ସରକାରଙ୍କ ଦ୍ୱାରା ହସ୍ତାନ୍ତର ବାବଦକୁ ୧୦,୬୨୫ କୋଟି ଟଙ୍କା ରହିଛି। ୨୦୨୬-୨୭ରେ ପୁଞ୍ଜି ବ୍ୟୟ ଅଟକଳ ୭୨,୧୦୦ କୋଟି ଟଙ୍କା, ଯାହାକି ଜିଏସଡିପିର ୬.୫ ପ୍ରତିଶତ ଏବଂ ରାଜ୍ୟ ବଜେଟ ଆକଳନର ୨୩.୩ ପ୍ରତିଶତ ଅଟେ । ଓଡ଼ିଶାର ପୁଞ୍ଜି ବ୍ୟୟର ଅନୁପାତ ଦେଶର ସମସ୍ତ ପ୍ରମୁଖ ରାଜ୍ୟ ମଧ୍ୟରେ ସର୍ବାଧିକ ।ବଜେଟ୍ ରେ କୃଷି ଓ ଆନୁଷଙ୍ଗିକ କ୍ଷେତ୍ର ପାଇଁ ୪୨,୪୯୨ କୋଟି ଟଙ୍କାର ବ୍ୟୟବରାଦ ହୋଇଛି, ଯାହା ପୂର୍ବ ବର୍ଷ ତୁଳନାରେ ୧୨.୩% ଅଧିକ ଅଟେ । ରାଜସ୍ୱ ବଳକା ଜିଏସଡିପିଏ ୩% ହେବ ବୋଲି ଆକଳନ କରାଯାଇଛି, ବିତୀୟ ନିଅଂଟ ଜିଏସଡିପିର୩.୨ % ରହିବ ବୋଲି ଆକଳନ କରାଯାଇଛି । ବର୍ଷ ଶେଷ ଋଣ ଭାର ଜିଏସଡିପିର ୧୪.୧% ରହିବ ବୋଲି ଆକଳନ କରାଯାଇଛି । ତେଣୁ ୨୦୨୬-୨୭ ବାର୍ଷିକ ବଜେଟ୍ ସମ୍ପୂର୍ଣ୍ଣ ଭାବେ ଏଫଆରବିଏମ୍ ଅଧିନିୟମ ପରିପାଳକ ଅଟେ ।

ବଜେଟରେ ନୂଆ ପଦକ୍ଷେପ ମଧ୍ୟରେ ରହିଛି ୧୦୦୦ କୋଟି ଟଙ୍କା ବ୍ୟୟରେ ପୁରୀରେ ଶ୍ରୀ ଜଗନ୍ନାଥଙ୍କ ଇ□ରପ୍ରିଟେସନ୍ ସେ□ର ଏବଂ ପୁରୀରେ ବିଶ୍ୱ ପର୍ଯ୍ୟଟନ କେନ୍ଦ୍ର , ଶ୍ରୀ ଜଗନ୍ନାଥ ମନ୍ଦିର ପାଇଁ ଅନଲାଇନ୍ ଦାନ ପ୍ଲାଟଫର୍ମ 'ଡିଜିଟାଲ୍ ହୁଣ୍ଡି-ସମର୍ପଣ। ମଧୁବାବୁ ପେନସନ ଯୋଜନା ଅଧୀନରେ ୬ ଲକ୍ଷ ହିତାଧିକାରୀଙ୍କୁ ଅତିରିକ୍ତ କଭରେଜ୍ , ମୁଖ୍ୟମନ୍ତ୍ରୀ କନ୍ୟା ସୁମଙ୍ଗଳ ଯୋଜନା ଅଧୀନରେ ଆର୍ଥିକ ଦୃଷ୍ଟିରୁ ଦୁର୍ବଳ **(ପୃଷ୍ଠା-୨ ଦେଖନ୍ତୁ)**

# ତୃଟିଶୂନ୍ୟ ଭୋଟର ତାଲିକା ପ୍ରସ୍ତୁତ କରିବାକୁ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିର୍ଦ୍ଦେଶ




ଭୁବନେଶ୍ୱର: ଭୁବନେଶ୍ୱର ମହାନଗର ନିଗମ ମୁଖ୍ୟ କାର୍ଯ୍ୟାଳୟ ପରିସରରେ ଥିବା ଏକାମ୍ର ହଲରେ ଭୁବନେଶ୍ୱର ବିଧାନସଭା କ୍ଷେତ୍ର ର -ଏକାମ୍ର,ଉତ୍ତର, ମଧ୍ୟ ଓ ଜଟଣୀ ବିଧାନସଭା କ୍ଷେତ୍ରର ବୁଥ୍ ସ୍ତରୀୟ ଅଧିକାରୀ ମାନଙ୍କର ଏକ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି।

ଏହି ବୈଠକରେ ରାଜ୍ୟ ମୁଖ୍ୟ ନିର୍ବାଚ଼ନ ଅଧିକାରୀ ଶ୍ରୀ ଆର ଏସ ଗୋପଲନ ଅଧ୍ୟକ୍ଷତା କରି ଭୋଟର ତାଲିକା ସଂଶୋଧନ, ନୂତନ ଭୋଟର ନାମ ଯୋଡ଼ା, ମୃତ ଓ ସ୍ଥାନାନ୍ତରିତ ଭୋଟରଙ୍କ ନାମ ବିଲୋପ, ତଥ୍ୟ ସତ୍ୟାପନ ଓ ଘରେ-ଘରେ ଯାଞ୍ଚ କାର୍ଯ୍ୟ,ତ୍ରୁଟି ଶୂନ୍ୟ ଭୋଟର ଲିଷ୍ଟ ସମ୍ପର୍କରେ ବୁଥ୍ ସ୍ତରୀୟ ଅଧିକାରୀ, ସୁପରଭାଇଜର ମାନଙ୍କୁ ଅବଗତ କରାଇଥିଲେ।

ଅତିରିକ୍ତ ସିଇଓ ଶ୍ରୀ ସୁଶାନ୍ତ କୁମାର ମିଶ୍ର କହିଥିଲେ ଯେ ଘର ଘର ବୁଲି ଭୋଟର ମାନଙ୍କ ତଥ୍ୟ ଯାଞ୍ଚ କରି ସ୍ୱତନ୍ତ୍ର ସଘନ ସଂଶୋଧନ ମ୍ୟାପିଂ ଶତ ପ୍ରତିଶତ କରିବା ଉପରେ ଗୁରୁତ୍ୱ ଦେଇଥିଲେ।ପ୍ରତିଦିନ ବୁଥ ସ୍ତରରୁ ସମୀକ୍ଷା କରି ନିର୍ବାଚ଼ନ ପଞ୍ଜିକରଣ ଅଧିକାରୀ ଓ ଅତିରିକ୍ତ ନିର୍ବାଚ଼ନ ପଞ୍ଜିକରଣ ଅଧିକାରୀମାନଙ୍କୁ ଅଗ୍ରଗତି ରିପୋର୍ଟ ପ୍ରଦାନ କରିବାକୁ କହିଥିଲେ।ଯେଉଁ ବୁଥ ସ୍ତରରେ କମ ପ୍ରତିଶତ ମ୍ୟାପିଂ ହୋଇଛି ସେ ଅଞ୍ଚଳରେ କିପରି ଶତପ୍ରତିଶତ ହୋଇପାରିବ ସେ ଦିଗରେ ସ୍ୱତନ୍ତ୍ର ଧ୍ୟାନ ଦେବାକୁ ବିଏଲଓ ଓ ସୁପରଭାଇଜର ମାନଙ୍କୁ ପରାମର୍ଶ ଦେଇଥିଲେ।ସ୍ଥାନୀୟ ଅଞ୍ଚଳରେ ଏକ କ୍ୟାମ୍ପ କରି ଆଶା,କର୍ପୋରେଟର ମାନଙ୍କ ଦ୍ୱାରା ଲୋକମାନଙ୍କୁ ସଚେତନତା କରି ସେମାନଙ୍କ ମ୍ୟାପିଂ କୁ ତ୍ୱରାନ୍ୱିତକରିବା ଦିଗରେ ଆଲୋଚ଼ନା କରିଥିଲେ। ଏସଆଇଆର ସମ୍ବନ୍ଧରେ ଅଧିକରୁ ଅଧିକ ଭୋଟର ମାନଙ୍କ ମଧ୍ୟରେ ସଚେତନତା ,ଇସିଆଇ ନେଟ ଆପ ଡାଉନଲୋଡ କରି ବୁକ ଏ କଲ ଉଇଥ ବିଏଲଓ ମାଧ୍ୟମରେ ଭୋଟର ମାନେ କିପରି ନିଜର ମ୍ୟାପିଂ ଓ ନିଜର ଭୋଟର ତାଲିକା ବିଷୟରେ ସନ୍ଦେହ ଦୂର କରିବା ବିଷୟରେ ସଚେତନତାବୃଦ୍ଧି କରିବା ଉପରେ ଅଧିକାରୀମାନଙ୍କୁ ପରାମର୍ଶ ଦିଆଯାଇଥିଲା। ଅଧିକାରୀମାନେ ବିଏଲଓମାନଙ୍କୁ ସତର୍କତା, ପାରଦର୍ଶିତା ଓ ନିଷ୍ପକ୍ଷତା ସହ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ନିର୍ବାଚ଼ନ କାର୍ଯ୍ୟରେ କୌଣସି ତ୍ରୁଟି ନ ହେବା ପାଇଁ ସମୟସୀମା ମଧ୍ୟରେ ସମସ୍ତ କାର୍ଯ୍ୟ ସମ୍ପାଦନ କରିବାକୁ ଜୋର ଦିଆଯାଇଥିଲା।

# ଝାଡେଶ୍ୱର ବାବାଙ୍କୁ ଜଳ ଅର୍ପଣ କଲେ ଗାୟକ ସୋନୁ ନିଗମ



ଝାରସୁଗୁଡା( ନି ପ୍ର)- ହିନ୍ଦୀ ସହିତ ବିଭିନ୍ନ ଭାଷାରେ ଲୋକପ୍ରିୟ ଭଜନ, ଦେଶାତ୍ମବୋଧକ ତଥା ଚ଼ଳଚ୍ଚିତ୍ରରେ ଗୀତ ଗାଇଥିବା ପ୍ରସିଦ୍ଧ ଗାୟକ ସୋନୁ ନିଗମ ୧୧ ତାରିଖ ଝାରସୁଗୁଡା ଗସ୍ତରେ ଆସି ପ୍ରସିଦ୍ଧ ଶୈବ ପୀଠ ଝାଡ଼େଶ୍ୱର ବାବାଙ୍କ ଦର୍ଶନ କରିଥିଲେ।ସୂଚ଼ନା ଅନୁସାରେ ସୋନୁ ନିଗମ ସୁନ୍ଦରଗଡ଼କୁ ଏକ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ୧୦ ତାରିଖ ଆସିଥିଲେ । କାର୍ଯ୍ୟକ୍ରମ ସାରି ୧୧ ତାରିଖ ସକାଳୁ ମୁମ୍ବାଇ ଫେରିବା ପାଇଁ ସେ ଝାରସୁଗୁଡା ବୀର ସୁରେନ୍ଦ୍ର ସାଏ ବିମାନ ବନ୍ଦରରେ ପହଂଚ଼ିଥିଲେ । ହେଲେ କୌଣସି କାରଣରୁ ବିମାନ ଡେରି ଥିବାରୁ ସେ ଝାଡ଼େଶ୍ୱର ମନ୍ଦିରକୁ ଯାଇଥିଲେ । ଏହି ସମୟରେ ଝାଡେଶ୍ୱର ମନ୍ଦିରରେ ଏକ ବିବାହ କାର୍ଯ୍ୟକ୍ରମ ଚ଼ାଲିଥିବା ସହ ମନ୍ଦିର କମିଟି ପକ୍ଷରୁ ମହାଶିବରାତ୍ରି ପାଇଁ ପ୍ରସ୍ତୁତି ବୈଠକ ବସିଥିଲା । ସୋନୁ ନିଗମଙ୍କୁ ମନ୍ଦିର ପରିସରରେ ଦେଖି ସମସ୍ତେ ଖୁସି ହୋଇ ଯାଇଥିଲେ ।ସୋନୁ ନିଗମ ଝାଡ଼େଶ୍ୱର ବାବାଙ୍କ ଠାରେ ଜଳ ଅର୍ପଣ ସହ ପୂଜା କରି ମନ୍ଦିରର ଭିଜିଟର ବୁକରେ ଦସ୍ତଖତ କରିଥିଲେ । ପରେ ବିମାନ ସମୟ ହୋଇଯାଇଥିବାରୁ ବିମାନ ବନ୍ଦରକୁ ଫେରି ଯାଇଥିଲେ ।

# ୨୦୨୬ ସଷ୍ଟେନେବିଲିଟି ଇୟରବୁକରେ ଜିନ୍ଦଲ ଷ୍ଟିଲ୍ ସାମିଲ

ନୂଆଦିଲ୍ଲୀ : କର୍ପୋରେଟ ସଷ୍ଟେନବିଲିଟି ମୂଲ୍ୟାଙ୍କନ (ସିଏସଏ)ରେ ଜିନ୍ଦଲ ଷ୍ଟିଲର ଉଲ୍ଲେଖନୀୟ ଉତ୍‌ଥାନ ହୋଇଛି । ୨୦୨୫ ବର୍ଷରେ ଉତ୍ତମ ପ୍ରଦର୍ଶନ ପାଇଁ ସିଏସଏ ସ୍କୋର ୪୨ ପଏଣ୍ଟ ବୃଦ୍ଧି ପାଇ ୭୨ରେ ପହଞ୍ଚିଛି ଏବଂ କମ୍ପାନୀକୁ ୨୦୨୬ ସଷ୍ଟେନେବିଲିଟି ଇୟରବୁକରେ ଏକ ଇୟରବୁକ ସଦସ୍ୟ ଭାବରେ ଅନ୍ତର୍ଭୁକ୍ତ କରାଯାଇଛି। ବିଶ୍ୱର ୯୨୦୦ ରୁ ଅଧିକ କମ୍ପାନୀର ମୂଲ୍ୟାଙ୍କନ କରାଯାଇ, ୫୯ଟି ଶିଳ୍ପର ୮୪୮ ଟି କମ୍ପାନୀକୁ ଚ଼ୟନ କରାଯାଇଛି। ଇସ୍ପାତରେ, ୧୨୯ଟି ମୂଲ୍ୟାଙ୍କିତ କମ୍ପାନୀ ମଧ୍ୟରୁ ୧୧ଟି କମ୍ପାନୀକୁ ଅନ୍ତର୍ଭୁକ୍ତ କରାଯାଇଛି। ମୂଲ୍ୟାଙ୍କନରେ ଉଲ୍ଲେଖନୀୟ ଉତ୍ଥାନ ଜିନ୍ଦଲ ଷ୍ଟିଲର ଶକ୍ତିଶାଳୀ ପ୍ରଶାସନ ବ୍ୟବସ୍ଥା, ସୁସଂଗଠିତ ଓ ପାରଦର୍ଶୀ ସୂଚନା ପ୍ରକାଶନ ପ୍ରଣାଳୀ, ଉନ୍ନୟତ ସାମାଜିକ ପ୍ରଦର୍ଶନ ଏବଂ ସୁଦୃଢ଼ ଜଳବାୟୁ ନିରୀକ୍ଷଣ ବ୍ୟବସ୍ଥାକୁ ପ୍ରତିଫଳିତ କରେ। ଜିନ୍ଦଲ ଷ୍ଟିଲ୍ ଏହାର ସାର୍ବଜନୀନ ସୂଚ଼ନା ଅଂଶୀଦାର ହାରକୁ ୯୬% ବୃଦ୍ଧି କରିଛି। କମ୍ପାନୀ 'ଟ୍ରାନ୍ସପାରେନ୍ସି ଏବଂ ରିପୋଟିଂ' ରେ ଶତ ପ୍ରତିଶତ ନମ୍ବର ହାସଲ କରିଛି, ଯେତେବେଳେ କି ଶିଳ୍ପର ହାରାହାରି ମାତ୍ର ୪୬।୨୦୨୫ ଆର୍ଥିକ ବର୍ଷରେ ହିମୁଖୀ ଆକଳନ କରିବା ସହ ଜୈବ ବିବିଧତା ସମ୍ପର୍କିତ ଆଶଙ୍କାର ସମୀକ୍ଷା, ପରିବେଶ ସମ୍ପର୍କିତ ଆଶଙ୍କା ସହ ବ୍ୟବସାୟିକ ଆଶଙ୍କା ପରିଚ଼ାଳନାକୁ କମ୍ପାନି ପକ୍ଷରୁ ସମ୍ମନ୍ୱିତ ଭାବେ ଆକଳନ କରାଯାଇଛି।

# ୪୧୧୧ କୋଟିର ୨୩ ପୁଞ୍ଜିନିବେଶ ପ୍ରସ୍ତାବକୁ ଅନୁମୋଦନ

ଭୁବନେଶ୍ୱର , (ବ୍ୟୁରୋ) : ମୁଖ୍ୟମନ୍ତ୍ରୀ ମୋହନ ଚ଼ରଣ ମାଝୀଙ୍କ ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱରେଆଗକୁ ବଢୁଥିବା ଓଡ଼ିଶା ସରକାର ଶିଳ୍ପ ଅଭିବୃଦ୍ଧିକୁ ଆଗେଇ ନେବାର ଆଭିମୁଖ୍ୟକୁ କାର୍ଯ୍ୟାନୁଷ୍ଠାନ ଦିଗରେଯାତ୍ରା ଜାରି ରଖିଛନ୍ତି । ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ମାର୍ଗଦର୍ଶନରେ ରାଜ୍ୟ ମୁଖ୍ୟ ଶାସନ ସଚ଼ିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ୧୪୪ତମ ରାଜ୍ୟସ୍ତରୀୟ ସିଙ୍ଗଲ ୱିଣ୍ଡୋ କ୍ଲିୟରାନ୍ସ ଅଥରିଟି (ଏସଏଲଏସଡବ୍ଲୁସିଏ) ବୈଠକ ମାଧ୍ୟମରେ ମୋଟ ୪୧୧୧.୮୦ କୋଟି ଟଙ୍କା ବିନିଯୋଗ ସହିତ ୨୩ଟି ଶିଳ୍ପ ନିବେଶ ପ୍ରସ୍ତାବକୁ ଅନୁମୋଦନ କରାଯାଇଛି, ଯାହା ୯୯୨୪ ବା ପ୍ରାୟ ୧୦ ହଜାର ନିଯୁକ୍ତି ସୁଯୋଗ ସୃଷ୍ଟି ଲକ୍ଷ୍ୟ ରଖିଛି । ଏହି ମଞ୍ଜୁରି ଓଡ଼ିଶାର ଶିଳ୍ପ ଇକୋସିଷ୍ଟମକୁ ସୁଦୃଢ଼ କରିବା ଏବଂ ନିଯୁକ୍ତିଭିତ୍ତିକ ଆର୍ଥିକ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ଦିଗରେ ଆଉ ଏକ ପ୍ରମୁଖ ମାଇଲଖୁଣ୍ଟ ଭାବେ ପ୍ରତିଫଳିତ ହେବ ।



**ମୁଖ୍ୟ ଶାସନ ସଚ଼ିବଙ୍କ ଅଧ୍ୟକ୍ଷତାରେ ରାଜ୍ୟସ୍ତରୀୟ ସିଙ୍ଗଲ ୱିଣ୍ଡୋ କ୍ଲିଅରାନ୍ସ ଅଥରିଟି ବୈଠକ ଅନୁଷ୍ଠିତ**

ଲୋକସେବା ଭବନରେ ଅନୁଷ୍ଠିତ ଏହି ବୈଠକରେ ଅନୁମୋଦିତ କରାଯାଇଥିବା ଏହି ପ୍ରକଳ୍ପଗୁଡ଼ିକ ମଧ୍ୟରେ ମେକାନିକାଲ ଏବଂ ଇଲେକ୍ଟ୍ରିକାଲ୍ କ୍ୟାପିଟାଲ୍ ଗୁଡ୍ସ, ପୋଷାକ ଏବଂ ବୟନଶିଳ୍ପ, ଏରୋସ୍ପେସ୍ ଏବଂ ପ୍ରତିରକ୍ଷା ଉତ୍ପାଦନ, ଜାହାଜ ନିର୍ମାଣ ଏବଂ ଜାହାଜ ମରାମତି, ଫାର୍ମାସ୍ୟୁଟିକାଲ୍ସ, କେମିକାଲ୍ସ, ରିଫ୍ରାକ୍ଟୋରୀ, ଆଲୁମିନିୟମ୍ ଡାଉନଷ୍ଟ୍ରିମ୍ ଇଣ୍ଡଷ୍ଟ୍ରିଜ୍, ଖଣିଜ ଲାଭ, ଧାତୁ ଡାଉନଷ୍ଟ୍ରିମ୍, ପ୍ଲାଷ୍ଟିକ୍, ଗ୍ଲାସ୍ ଉତ୍ପାଦନ, ଲଜିଷ୍ଟିକ୍ ଏବଂ ଗୋଦାମ, ଭିତ୍ତିଭୂମି ଏବଂ ପର୍ଯ୍ୟଟନ ଏବଂ ଆତିଥେୟତା ଆଦି ବିଭିନ୍ନ କ୍ଷେତ୍ରରେ ରହିଛି, ଯାହା ରାଜ୍ୟର ବିବିଧ, ଭବିଷ୍ୟତ ପାଇଁ ପ୍ରସ୍ତୁତ ଏବଂ ସହନଶୀଳ ଶିଳ୍ପ ରଣନୀତିକୁ ପ୍ରତିଫଳିତ କରୁଛି ।ଏହି ପ୍ରକଳ୍ପଗୁଡିକୁ ରାଜ୍ୟରବାଲେଶ୍ୱର, ଭଦ୍ରକ, କଟକ, ଦେବଗଡ଼, ଗଞ୍ଜାମ, ଯାଜପୁର, ଖୋର୍ଦ୍ଧା, କୋରାପୁଟ, ପୁରୀ, ସମ୍ବଲପୁର ଏବଂ ସୁନ୍ଦରଗଡ଼ ଆଦି ୧୧ ଟି ଜିଲ୍ଲାରେ କାର୍ଯ୍ୟାନ୍ୱୟନ କରାଯିବ, ଯାହା ମାଧ୍ୟମରେ ଆଚ଼ଂଳିକ ସମତୁଳ ଶିଳ୍ପ ବିକାଶ ଏବଂ ବୃହତ ନିଯୁକ୍ତି ସୁଯୋଗ ସୁନିଶ୍ଚିତ କରିବ ।

ଅନୁମୋଦିତ ହୋଇଥିବା ପ୍ରମୁଖ ପ୍ରକଳ୍ପଗୁଡିକ ମଧ୍ୟରେ ମେକାନିକାଲ୍ ଏବଂ ଇଲେକ୍ଟ୍ରିକାଲ୍ କ୍ୟାପିଟାଲ୍ ଦ୍ରବ୍ୟ କ୍ଷେତ୍ରରେ, ନିଫା ଲିମିଟେଡ୍ ଖୋର୍ଦ୍ଧାରେ ୩୮୪ କୋଟି ଟଙ୍କା ବିନିଯୋଗରେ ଏକ ରେଳ ଯନ୍ତ୍ରାଂଶ ଉତ୍ପାଦନ ସ୍ଥାପନ କରିବ, ଯାହା ୩୧୦ ନିଯୁକ୍ତି ସୃଷ୍ଟି କରିବ । ଉନ୍ନତ ମାନୁଫାକ୍ଚ଼ରିଂ କ୍ଷେତ୍ରରେ ଓଡ଼ିଶାର ସ୍ଥିତିକୁ ସୁଦୃଢ଼ କରିବା ପାଇଁ ଇନଭେଷ୍ଟଗ୍ରୀଡ୍ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍ ଗଞ୍ଜାମରେ୩୦୦ କୋଟି ଟଙ୍କା ବିନିଯୋଗରେ ଏକ ଉନ୍ନତ ମଲ୍ଟି ଡ୍ରୋନ୍ ଉତ୍ପାଦନ କେନ୍ଦ୍ର ସ୍ଥାପନ କରିବ, ଯାହା ୧,୦୦୦ ନିଯୁକ୍ତି ସୃଷ୍ଟି କରିବ ଏବଂ ଏହା ରାଜ୍ୟର ଏରୋସ୍ପ ?ସ୍ ଏବଂ ପ୍ରତିରକ୍ଷା ଉତ୍ପାଦନ ଇକୋସିଷ୍ଟମରେ ଏକ ପ୍ରମୁଖ ପଦକ୍ଷେପ ହେବ।

ସମୁଦ୍ର ଓ ଜାହାଜ ନିର୍ମାଣ କ୍ଷେତ୍ରରେ, ନର୍ଥନ ଏକ୍ସପ୍ରେସ୍ ଇନଫ୍ରାଡେଭେଲପର୍ସ ପ୍ରାଇଭେଟ୍ ଲିମିଟେଡ୍ ଭଦ୍ରକରେ ଜାହାଜ ନିର୍ମାଣ ଓ ଜାହାଜ ମରାମତି ସୁବିଧା ବିକଶିତ କରିବାକୁ ୩୩୯.୪୦ କୋଟି ଟଙ୍କାର ନିବେଶ କରିବ, ଯଦ୍ୱାରା ୫୦୭ ରୋଜଗାର ସୁଯୋଗ ➔ପୃଷ୍ଠା-୨ ଦେଖନ୍ତୁ

ସମ୍ପାଦକୀୟ

## ସଂସଦୀୟ ପରମ୍ପରାର ନିଛକ ଉଲଂଘନ

ରାଷ୍ଟ୍ରପତିଙ୍କଚ ଧନ୍ୟବାଦ ପ୍ରସ୍ତାବ ବିତର୍କ ପ୍ରଧାନମନ୍ତ୍ରୀଙ୍କ ବିନା ଉତ୍ତରରେ ଲୋକସଭାରେ ଗୃହିତ ହେବା କେବଳ ନରେନ୍ଦ୍ର ମୋଦୀ ସରକାରଙ୍କ ଅମଳରେ ପ୍ରଥମ ଘଟଣା ନୁହେଁ, ପ୍ରଚଳିତ ଭାରତୀୟ ସଂସଦୀୟ ପରମ୍ପରାର ଏକ ନିଛକ ଉଲଂଘନ ବୋଲି କୁହାଯାଇପାରିବ। କହିବା ବାହୁଲ୍ୟ ଯେ, ଗତ ୫ ତାରିଖ ଦିନ ଲୋକସଭାରେ ପ୍ରବଳ ହଟ୍ଟଗୋଳ ମଧ୍ୟରେ ମୌଖିକ ମତରେ ରାଷ୍ଟ୍ରପତିଙ୍କୁ ଧନ୍ୟବାଦ ପ୍ରସ୍ତାବ ଗୃହିତ ହୋଇଛି। ତେବେ ପ୍ରସ୍ତାବ ଉପରେ ବିତର୍କର ପ୍ରଧାନମନ୍ତ୍ରୀ ନଦେବା ନେଇ ଲୋକସଭାର ବାଚସ୍ପତି ଓଁମ ବିର୍ଲା ଯେଉଁ ସ୍ପଷ୍ଟୀକରଣ ଦେଇଛନ୍ତି, ତାହା ଉତର ତୁଳନାରେ ବହୁ ପ୍ରଶ୍ନ ଉତ୍ଥାପନ କହିବା ସ୍ୱାଭାବିକ। ବାଚସ୍ପତି କହିଛନ୍ତି ଯେ, ଗୃହ ଭିତରେ ପ୍ରଧାନମନ୍ତ୍ରୀଙ୍କ ଉପରେ ଆକ୍ରମଣ ପାଇଁ ବିରୋଧି ଦଳ ସଦସ୍ୟମାନେ ଯୋଜନା କରିଥିବା ନେଇ ତାଙ୍କ ପାଖରେ ନିର୍ଦ୍ଦିଷ୍ଟ ସୂଚନା ରହଥିଲା। ସହଯୋଗୀ ସାଂସଦମାନଙ୍କ ଠାରୁ ଆକ୍ରମଣ ଭୟରେ ଗୃହର ନେତା ତଥା ପ୍ରଧାନମନ୍ତ୍ରୀ ବିତର୍କର ଉତରକୁ ଏଡାଇଯିବା ନିଶ୍ଚିତ ଭାବରେ ଅଦଭୂତ୍ ପୂର୍ବ ବୋଲି କୁହାଯାଇପାରେ। ତେବେ ପୂର୍ବରୁ ଗୃହ ଭିତରେ ଯେଉଁ ସବୁ ଘଟଣାମାନ ଘଟିଥିଲା। ତାହା ଲୋକସଭାରେ ପ୍ରଧାନମନ୍ତ୍ରୀ ଉପସ୍ଥିତି ନରହିବାକୁ ଖୋରାକ ଯୋଗାଇଛି। ଉଲ୍ଲେଖଯୋଗ୍ୟ ଯେ, ବିରୋଧି ଦଳ ନେତା ରାହୁଲ ଗାନ୍ଧୀ ଧନ୍ୟବାଦ ପ୍ରସ୍ତାବ ବିତର୍କରେ ପୂର୍ବତନ ସେନାମୁଖ୍ୟ ଜେନେରୋଲ ଏମ.ଏମ.ନରଭାଣେଙ୍କ ଦ୍ୱାରା ଲିଖିତ ଏକ ପୁସ୍ତକରୁ ଉଦ୍ଧୃତ ଅଂଶ ସମ୍ପର୍କରେ କହିବାକୁ ଉଦ୍ୟମ କରିବା ସମୟରେ ବାଚସ୍ପତି ତାଙ୍କୁ ଅନୁମତି ଦେଇନଥିଲେ। ଏପରିକି ଗଡ ଭିତର ପ୍ରତିରକ୍ଷାମନ୍ତ୍ରୀ, ସ୍ୱରାଷ୍ଟ୍ରମନ୍ତ୍ରୀ ଏବଂ ସଂସଦୀୟ ବ୍ୟାପାର ମନ୍ତ୍ରୀଙ୍କ ସମେତ ଶାସକ ଦଳର ସାଂସଦମାନେ ବିରୋଧି ଦଳ ନେତାଙ୍କୁ ଦୃଢ ବିରୋଧ କରିଥିଲେ। ଯାହାକୁ ନେଇ ଗୃହରେ ତୁମୁଳ ହଟ୍ଟଗୋଳ ସୃଷ୍ଟି ହେବା ସଙ୍ଗେ ସଙ୍ଗେ ଗୃହର କାର୍ଯ୍ୟକ୍ରମ ବାଧାପ୍ରାପ୍ତ ହୋଇଥିଲା। ଗୋଟିଏ ପଟେ ବିରୋଧି ଦଳ ନେତାଙ୍କୁ କହିବାକୁ ଅନୁମତି ଦିଆଯାଇନଥିବା ବେଳେ ଅନ୍ୟ ପଟେ ପ୍ରଧାନମନ୍ତ୍ରୀ କହିବାକୁ ଚାହିଁନଥିଲେ। ଏହା ନିସନ୍ଦେହ ଯେ, ଉଭୟ ଗୃହର ନେତା ଓ ବିରୋଧି ଦଳ ନେତା ସଂସଦୀୟ ପରମ୍ପରାକୁ ଭଙ୍ଗ କରିଛନ୍ତି। ଯାହାକି ଗଣତାନ୍ତ୍ରୀକ ଉତରଦାୟିତ୍ୱକୁ କେବଳ କ୍ଷତି ପହଁଚାଇନାହିଁ, ବିଶୃଙ୍ଖଳିତ କରିଛି ବୋଲି କୁହଯାଇପାରେ।

## ‘ଇ-ଲୋକଭବନ ଓଡ଼ିଶା ଆପ୍’ ର ଶୁଭାରମ୍ଭ କଲେ ରାଜ୍ୟପାଳ



ଭୁବନେଶ୍ୱର( ନି ପ୍ର)- ଲୋକଭବନ ପାଇଁ ସ୍ୱୟଂଚାଳିତ ସାକ୍ଷାତ ବ୍ୟବସ୍ଥା (Automated Appointment System)- ‘ ଇ-ଲୋକଭବନ ଓଡ଼ିଶା ଆପ୍‘ ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟିଙ୍କ ଦ୍ୱାରା ଗତ ୧୩ ତାରିଖ ଶୁଭାରମ୍ଭ ହୋଇଯାଇଛି କ୍ଷ ଏହା ରାଜ୍ୟପାଳଙ୍କ ସେକ୍‌ରେଟାରୀଏଟ ସହିତ ନାଗରିକଙ୍କ ସମ୍ପର୍କକୁ ସୁଗମ କରିବା ପାଇଁ ଡିଜାଇନ୍ କରାଯାଇଥିବା ଏକ ସୁରକ୍ଷିତ ୱେବ୍-ଆଧାରିତ ପ୍ଲାଟଫର୍ମ। ଏହି ପଦକ୍ଷେପ ସହିତ ଲୋକଭବନରେ ସମ୍ପୂର୍ଣ୍ଣ ସ୍ୱୟଂଚାଳିତ ସାକ୍ଷାତ ଏବଂ ପରିଦର୍ଶକ ପରିଚାଳନା ବ୍ୟବସ୍ଥା ପ୍ରଚଳନ କରିବାରେ ଓଡ଼ିଶା ଦେଶର ପ୍ରଥମ ରାଜ୍ୟ ଭାବରେ ଉଭା ହୋଇଛି।

ଡିଜିଟାଲ ପ୍ଲାଟଫର୍ମର ଶୁଭାରମ୍ଭ ମାନ୍ୟବର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କ ଡିଜିଟାଲ ଇଣ୍ଡିଆ କାର୍ଯ୍ୟକ୍ରମର ଦୃଷ୍ଟିକୋଣର ଅଂଶ ସ୍ୱରୂପ ଏବଂ ନବସୃଜନ, ସ୍ୱଚ୍ଛତା ପ୍ରତି ଲୋକଭବନର ନିରନ୍ତର ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ। ଗତ ଏକ ବର୍ଷ ମଧ୍ୟରେ ଲୋକଭବନ ଅନେକ ଭବିଷ୍ୟତମୁଖୀ ପଦକ୍ଷେପ ଗ୍ରହଣ କରିଛି । ସୌରଶକ୍ତି ମାଧ୍ୟମରେ ଏହାର ଶକ୍ତି ଆବଶ୍ୟକତା ପୂରଣ କରୁଥିବା କ୍ୟାମ୍ପସକୁ ଏକ ନେଟ୍-ଜିରୋ ସୁବିଧାରେ ପରିଣତ କରାଯାଇଛି ଏବଂ ରାଜ୍ୟପାଳଙ୍କ ସରକାରୀ କାରକେଡରେ ବୈଦ୍ୟୁତିକ ଯାନ ସାମିଲ କରାଯାଇଛି ଓ ଏହା ସ୍ୱଚ୍ଛ ଶକ୍ତି ପ୍ରତି ଏହାର ପ୍ରତିବଦ୍ଧତାକୁ ପୁନଃନିଶ୍ଚିତ କରିଛି। ଏହା ସହିତ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ସମ୍ମାନାର୍ଥ ? ଲୋକଭବନ ପରିସରରେ ବିକଶିତ ଏକ ପରିବେଶ ପାର୍କ ‘ଅଟଳ ବନ‘ ଲୋକଭବନରେ ସ୍ଥାୟୀତ୍ୱ, ଐତିହ୍ୟ ଏବଂ ନବସୃଜନର ମିଶ୍ରଣର ପ୍ରତୀକ ସାଜିଛି।

## ବିଧାୟକଙ୍କ ଦ୍ୱାରା ୩୬ କୋଟି ୫୪ ଲକ୍ଷ ଟଙ୍କାର ବିଭିନ୍ନ ଉନ୍ନୟନ ପ୍ରକଳ୍ପର ଶିଳାନ୍ୟାସ



ଝାରସୁଗୁଡା ( ନି ପ୍ର)- ଝାରସୁଗୁଡା ନିର୍ବାଚନ ମଣ୍ଡଳୀର କୋଲାବିରା, କିର୍ମିରା ଓ ଲଇକେରା ବ୍ଲକର ବିଭିନ୍ନ ପଂଚାୟତରେ ବିଧାୟକ ଟଙ୍କଧର ତ୍ରିପାଠୀ ରାସ୍ତା, ବ୍ରିଜ ଭଳି ବିଭିନ୍ନ ଉନ୍ନୟନ ପ୍ରକଳ୍ପ ପାଇଁ ୩୬ କୋଟି ୫୪ ଲକ୍ଷ ଟଙ୍କାର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି ଓ ବିଧାୟକ ଶ୍ରୀ ତ୍ରିପାଠୀଙ୍କ ଦ୍ୱାରା ମୁଖ୍ୟମନ୍ତ୍ରୀ ସଡକ ଯୋଜନାରେ ଲଇକେରା ବ୍ଲକର ସାହସପୁର ପଂଚାୟତ ର ଆରଡ଼ିରୋଡ଼ ଠାରୁ ରାମଚ୍ଛିପିଡ଼ିହି ପର୍ଯ୍ୟନ୍ତ ୨ କୋଟି ୬୦ ଲକ୍ଷ ଟଙ୍କା , ଜାମମାଲ ପଂଚାୟତର ତାପଗୁଂଜା ଠାରୁ ଅମାପଡା ଦେଇ ସମ୍ବଲପୁର ସୀମା ପର୍ଯ୍ୟନ୍ତ ୨ କୋଟି ୬୬ ଲକ୍ଷ ଟଙ୍କା , ପାକେଲପଡା ପଂଚାୟତର ଖଜୁରଖମନ ଠାରୁ ସମ୍ବଲପୁର ସୀମା ପର୍ଯ୍ୟନ୍ତ ୧କୋଟି ୯୩ ଲକ୍ଷ ଟଙ୍କା , ଖୁଣ୍ଟାମାଲ ପଂଚାୟତ ର ସୁଡୁଙ୍ଗ ଠାରୁ ସମ୍ବଲପୁର ସୀମା ପର୍ଯ୍ୟନ୍ତ ୫ କୋଟି ୪୯ ଲକ୍ଷ ରାସ୍ତାର ଉନ୍ନତି ପାଇଁ ଶିଳାନ୍ୟାସ କରାଯାଇଛି ଓ ଏହାସହ ଜିଲ୍ଲା ଖଣିଜ ପାଣ୍ଠିରୁ ବାବୁଛିପିଡ଼ିହି ପଂଚାୟତର ହୁଡକୁଡ଼ିହିରୁ ବାଙ୍କୀ ଗ୍ରାମ ପର୍ଯ୍ୟନ୍ତ ୧କୋଟି ୭୫ ଲକ୍ଷ ଟଙ୍କା ର କଂକ୍ରିଟ ରାସ୍ତା ନିର୍ମାଣ ପାଇଁ ଶୁଭ ଦିଆଯାଇଛି ଓ ସେହିପରି କୋଲାବିରା ବ୍ଲକ ର ପରମାନପୁର ପଂଚାୟତରେ ମୁଖ୍ୟମନ୍ତ୍ରୀ ସଡକ ଯୋଜନାରେ ଜାତୀୟ ରାଜପଥ ୪୯ ରୁ ପତ୍ରାପାଲି ରାସ୍ତା ଓ ପରମାନପୁରରୁ ଚନ୍ଦ୍ରଡିହି ରାସ୍ତାର ଉନ୍ନତିକାରଣ ପାଇଁ ୨କୋଟି ୯୮ ଲକ୍ଷ ଟଙ୍କା , କୋଲାବିରା ପଂଚାୟତର ତରାଇକେଲାରୁ ପଙ୍ଗାପଡା ରାସ୍ତାର ଉନ୍ନତିକାରଣ ପାଇଁ ୨ କୋଟି ୧୧ଲକ୍ଷ ଟଙ୍କା ଏବଂ ସୋଡ଼ାମାଳ ପଂଚାୟତର ଗୁଛାପାଲିରୁ ଦେହୁରୀପଡା ଭୟା ମଙ୍ଗରାପାଲି ଦେଇ ରାସ୍ତାର ଉନ୍ନତିକରଣ ପାଇଁ ୫ କୋଟି ୪୮ ଲକ୍ଷ ଟଙ୍କାର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି ଓ ସେହିପରି କିର୍ମିରା ବ୍ଲକର ବନ୍ଧପାଲି ପଂଚାୟତର ଆରଡ଼ି ରୋଡ଼ ଠାରୁ ଠାକୁରପଡା ପର୍ଯ୍ୟନ୍ତ ୨ କୋଟି ୭୭ ଲକ୍ଷ ଟଙ୍କା ଓ ଆରଡ଼ି ରୋଡ଼ ଠାରୁ ଡେଙ୍ଗୁରଜୋର ପର୍ଯ୍ୟନ୍ତ ରାସ୍ତାର ଉନ୍ନତି କରଣ ପାଇଁ ୪ କୋଟି ୮୬ ଲକ୍ଷ ଟଙ୍କାର ଶୁଭ ଦିଆଯାଇଛି ଓ ଏହାସହ ଶିଆଳରମା ରୁ ସାରସମାଲ ଗ୍ରାମକୁ ଯୋଡୁଥିବା ବ୍ରିଜ ନିର୍ମାଣ ପାଇଁ ୨ କୋଟି ୫୮ ଲକ୍ଷ ଟଙ୍କାର ଶିଳାନ୍ୟାସ ସହ ସମୁଦାୟ ୩୬ କୋଟି ୫୪ ଲକ୍ଷ ଟଙ୍କାର ଶିଳାନ୍ୟାସ କାର୍ଯ୍ୟକ୍ରମ କରାଯାଇଛି ଓ ଏହି ଶିଳାନ୍ୟାସ ଅବସରରେ ବିଧାୟକଶ୍ରୀ ତ୍ରିପାଠୀ କହିଛନ୍ତି ଯେ ଏହି ରାସ୍ତା ନିର୍ମାଣ ହେବଷ୍କ ଦ୍ୱାରା ଅଂଚଳବାସୀ ଗ୍ରାମାଞ୍ଚଳରୁ ବ୍ଲକକୁ ଏବଂ ବ୍ଲକରୁ ଜିଲ୍ଲା ପର୍ଯ୍ୟନ୍ତ ଯିବାଆସିବାରେ ପଥ ସୁଗମ ହେବ ଓ ଯାହାଫଳରେ ଗ୍ରାମାଞ୍ଚଳ ରହୁଥିବା ସାଧାରଣ ଜନତାଙ୍କ ବ୍ୟବସାୟରେ ଉନ୍ନତି ହେବ ସହ ନିଜେ ସ୍ୱାବଲମ୍ବୀ ହୋଇପାରିବେ ଓ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପିଡବ୍ଲୁଡି ର କାର୍ଯ୍ୟନିର୍ବାହୀ ଅଧିକାରୀ ସତ୍ୟବାନ ପଟେଲ, ଏସଡ଼ିଓ ଆଶିଷ ଲେଙ୍କା, କୋଲାବିରା ମଣ୍ଡଳ ସଭାପତି ରାଜେଶ ଦାସ, ଲଇକେରା ମଣ୍ଡଳ ସଭାପତି ଦ୍ୱିତୀୟା ଓରାମ ଓ କୁଳମଣି କିସାନ, କିର୍ମିରା ମଣ୍ଡଳ ସଭାପତି ଉଦ୍ଧବ ସିଂ ନାୟକ ପ୍ରମୁଖଙ୍କ ସମେତ ବହୁ ସଂଖ୍ୟାରେ ବିଜେପି କର୍ମୀ ଉପସ୍ଥିତ ଥିଲେ ।

## ବେଦାନ୍ତ ପକ୍ଷରୁ ଶିଳ୍ପ ସୁରକ୍ଷା ଉପରେ ଜୋନାଲସ୍ତରୀୟ ସେମିନାର




ଝାରସୁଗୁଡ଼ା, (ସ୍ୱ.ପ୍ର): ବେଦାନ୍ତ ଆଲୁମିନିୟମ ଏବଂ ଓଡ଼ିଶା ସରକାରଙ୍କ କାରଖାନା ଏବଂ ବଏଲର୍ସ ନିର୍ଦ୍ଦେଶାଳୟ (ଝାରସୁଗୁଡ଼ା ଜୋନ) ମିଳିତ ଭାବରେ ବଏଲର ସୁରକ୍ଷା ଏବଂ ପରିଚାଳନା ଉପରେ ଜୋନାଲ୍ ସ୍ତରୀୟ ସେମିନାର୍ ଆୟୋଜିତ ହୋଇଛି। ସେମିନାର୍‌ରେ ଝାରସୁଗୁଡ଼ା ନିକଟସ୍ଥ ଶୀର୍ଷ କମ୍ପାନିଗୁଡ଼ିକର କାରଖାନା ମୁଖ୍ୟ, ଇଞ୍ଜିନିୟର, ବଏଲର ଅପରେଟର ଏବଂ ସୁରକ୍ଷା ବିଶେଷଜ୍ଞଙ୍କ ସମେତ ୨୩୮ରୁ ଅଧିକ ଶିଳ୍ପ ବୃତ୍ତିଗତମାନେ ଏକତ୍ରିତ ହୋଇଥିଲେ। ଯାହାକି ଶିଳ୍ପ 'ସୁରକ୍ଷାରେ ସର୍ବୋତ୍ତମ ଅଭ୍ୟାସକୁ ଆଗକୁ ବଢ଼ାଇବା ପାଇଁ ଏକ ଦୃଢ଼ ପ୍ଲାଟଫର୍ମ ସୃଷ୍ଟି କରିଥିଲା। ବେଦାନ୍ତ ଆଲୁମିନିୟମ, ଓଡ଼ିଶା ପାୱାର୍ ଜେନେରେସନ୍ କର୍ପୋରେସନ୍, ଥରମାଡ଼, କେଏସଡବ ଏନର୍ଜି ଏବଂ ରୁଙ୍ଗଟାସନର ବରିଷ୍ଠ ନେତାମାନେ ସୁରକ୍ଷା ଦକ୍ଷତା ବୃଦ୍ଧି, ସାମ୍ବିଧାନିକ ପ୍ରୋଟୋକଲ୍ ପାଳନ ଏବଂ ନୂତନ ସୁରକ୍ଷା ସମାଧାନ ଗ୍ରହଣ କରିବାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ । କାରଖାନା ଏବଂ ବଏଲର୍ସ ସହକାରୀ ନିର୍ଦ୍ଦେଶକ ଅର୍ଚ୍ଚନା ଦାସ ଉଦ୍‌ଘାଟନୀ ଭାଷଣ ଦେଇଥିଲେ। ସମ୍ବଲପୁର ଡିଭିଜନର କାରଖାନା ଏବଂ ବଏଲର୍ସ ଉପନିର୍ଦ୍ଦେଶକ ସ୍ୱରୂପ ଜେନା ନିରାପଦ, ନିର୍ଭରଯୋଗ୍ୟ ଏବଂ ଦକ୍ଷ ବଏଲର୍ କାର୍ଯ୍ୟ ସୁନିଶ୍ଚିତ କରିବାରେ ନିୟାମକ ଅନୁପାଳନ, ସକ୍ରିୟ ରକ୍ଷଣାବେକ୍ଷଣ ଏବଂ କର୍ମଚାରୀ କ୍ଷମତା- ନିର୍ମାଣର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ । ବେଦାନ୍ତ ଝାରସୁଗୁଡ଼ାର ସିଇଓ ସି. ଚନ୍ଦୁ କହିଛନ୍ତି ସୁରକ୍ଷା ହେଉଛି ସ୍ଥାୟୀ ଶିଳ୍ପ ଅଭିବୃଦ୍ଧିର ମୂଳଦୁଆ। ଏହି ଭଳି ପ୍ଲାଟଫର୍ମ ଶିଳ୍ପ ଅଂଶୀଦାର ଏବଂ ନିୟାମକଙ୍କ ମଧ୍ୟରେ ଅର୍ଥପୂର୍ଣ୍ଣ ଜ୍ଞାନ ଆଦାନପ୍ରଦାନକୁ ସକ୍ଷମ କରିଥାଏ। ସୁରକ୍ଷା ଅଭ୍ୟାସକୁ ସୁଦୃଢ଼ କରିବାରେ ଏବଂ ସମଗ୍ର କ୍ଷେତ୍ରରେ ସୁରକ୍ଷା ଉତ୍କର୍ଷତାର ସଂସ୍କୃତିକୁ ପୋଷଣ କରିବାରେ ସାହାଯ୍ୟ କରିଥାଏ।

## ୨୦୩୬ ସୁଦ୍ଧା ବିକଶିତ ଓଡ଼ିଶା ...

ଏବଂ ଏହାର ସାଂସ୍କୃତିକ ଐତିହ୍ୟ ଉପରେ ଆଲୋକପାତ କରି ସେ କହିଥିଲେ ଯେ ଏପରି ସାମୂହିକ ଆଲୋଚନାରୁ ନୀତିଗତ ଅମୃତ ମନ୍ଥନ ହୋଇ ରାଜ୍ୟର ବିକାଶ ଯାତ୍ରାକୁ ଦିଗଦର୍ଶନ ଦେବ । ବିକଶିତ ଓଡିଶା ୨୦୩୬ ଏବଂ ବିକଶିକ ଭାରତ ୨୦୪୭ ଲକ୍ଷ୍ୟ ପୂରଣ ନେଇ ସମସ୍ତଙ୍କର ସାମଗ୍ରିକ ପ୍ରୟାସ ଅପରିହାର୍ଯ୍ୟ ବୋଲି ସେ ପ୍ରକାଶ କରିଥିଲେ କରିଥିଲେ ।

ବିଶିଷ୍ଟ ବକ୍ତା ଦି ଅର୍ଗାନାଇଜର ପତ୍ରିକାର ସମ୍ପାଦକ ଡା. କେଟକର ଯୋଗଦେଇ ଭାରତର ସଭ୍ୟତାମୂଳକ ମୂଲ୍ୟବୋଧ ଓ ଭାରତୀୟ ଜ୍ଞାନ ପରମ୍ପରା ଉପରେ ବିକାଶ ଆଧାରିତ ହେବାର ଆବଶ୍ୟକତା ସଂପର୍କରେ କହିଥିଲେ । ସେ କହିଥିଲେ ଯେ, ଭାରତ ଗୋଟିଏ “ଆଧାତ୍ମିକ ଲୋକତନ୍ତ୍ର” ଏବଂ ବିକାଶ କେବଳ ଆର୍ଥିକ ନୁହେଁ, ବରଂ ମାନସିକ, ମନୋ-ବୈଜ୍ଞାନିକ, ଶାରୀରିକ ଓ ଆଧାତ୍ମିକ ସ୍ତରରେ ହେବା ଉଚିତ୍ । ସମଗ୍ର ନୀତି ଓ ଶାସନ ପାଇଁ ଏକ ସମନ୍ୱିତ ମାନବବାଦ ଦର୍ଶନକୁ ସମର୍ଥନ କରି, ସେ ବିଶ୍ୱ ପାଇଁ ଭାରତର ସ୍ୱଭାବତଃ ସମନ୍ୱିତ ଦୃଷ୍ଟିକୋଣ ସଂପର୍କରେ ଆଲୋକପାତ କରିଥିଲେ । ନୀତି ନିର୍ଦ୍ଧାରଣରେ ପରିବାରକୁ ମୂଳ ଏକକ ଭାବେ ଗୁରୁତ୍ୱ ଦେଇ, ଓଡ଼ିଶାର ବିକାଶ ମଡେଲ୍ ତାହାର ସାଂସ୍କୃତିକ ପରିଚୟ ଓ ଓଡ଼ିଆ ଅସ୍ମିତାରୁ ଶକ୍ତି ଗ୍ରହଣ କରିବା ସଂପର୍କରେ ସେ ଉଲ୍ଲେଖ କରିଥିଲେ । ଡା. କେଟକର ଆହୁରି ମଧ୍ୟ କହିଥିଲେ ଯେ, ସ୍ୱୟଂ-ପରିଭାଷିତ, ସାଂସ୍କୃତିକ ଭିତ୍ତିରେ ଗଢ଼ା ବିକାଶ ପଥ ହିଁ ବିକଶିତ ଓଡ଼ିଶାର ସ୍ୱପ୍ନକୁ ସାର୍ଥକ କରି ବିକଶିତ ଭାରତ ଗଢ଼ିବାରେ ଅର୍ଥପୂର୍ଣ୍ଣ ଅବଦାନ ରଖିପାରିବ । ଏହି ଅବସରରେ ଯୋଜନା ଓ ସମନ୍ୱୟ ବିଭାଗ ପକ୍ଷରୁ “ଭିଜନ୍ ଡକ୍ୟୁମେଣ୍ଟ ୨୦୩୬ ଓ ୨୦୪୭ ” ଉପରେ ଏକ ଭିଡିଓ ପ୍ରଦର୍ଶନ କରାଯାଇଥିଲା, ଯେଉଁଥିରେ ଭିଜନ୍ ଡକ୍ୟୁମେଣ୍ଟର ରଣନୀତିମୂଳକ ଦିଗ ନିର୍ଦ୍ଦେଶ ଓ ବିଷୟଭିତ୍ତିକ ପ୍ରାଥମିକତାଗୁଡ଼ିକୁ ଉପସ୍ଥାପନ କରାଯାଇଥିଲା ।

ଉଦଘାଟନୀ ଅଧିବେଶନ ଶେଷରେ ଓସିଆଇଡିର ସଂଗଠନ ସଚିବ ତଥା ଜ୍ଞାନ ଓ ଗବେଷଣା ସହଭାଗୀ ଶ୍ରୀ ରାଣା ପୃଥ୍ୱୀରାଜ ସିଂହ, ସମ୍ମିଳନୀରେ ଯୋଗ ଦେଇଥିବା ସମସ୍ତ ଅତିଥି, ଅଂଶଗ୍ରହଣକାରୀ ଏବଂ ସହଯୋଗୀ ସଂସ୍ଥାମାନଙ୍କର ମୂଲ୍ୟବାନ ଯୋଗଦାନ ପ୍ରତ କୃତଜ୍ଞତା ପ୍ରକାଶ କରିଥିଲେ । ବିକାଶ ମନ୍ଥନ ୧.୦ ଏକ ସଂସ୍ଥାଗତ ବାର୍ଷିକ ମଞ୍ଚର ଆରମ୍ଭ, ଯାହାର ଲକ୍ଷ୍ୟ ହେଉଛି ତଥ୍ୟର ସମୀକ୍ଷା, ସହଯୋଗୀ ଶାସନକୁ ପ୍ରୋତ୍ସାହିତ କରିବା, ଜାତୀୟ ପ୍ରାଥମିକତା ସହ ସମସ୍ତଙ୍କ ସମନ୍ୱୟରେ ୨୦୩୬ ସୁଦ୍ଧା ଓଡ଼ିଶାକୁ ଏକ ସମାବେଶୀ, ସହନଶୀଳ ଓ ଅଭିନବତ୍ୱର ସହ ସମୃଦ୍ଧ କରିବା ସହିତ ବିକଶିତ ଭାରତ ୨୦୪୭ ପାଇଁ ଅବଦାନ ରଖିବା ।

## ୩ଲକ୍ଷ ୧୦ ହଜାର କୋଟିର ...

ବର୍ଗର ପରିବାରରେ ଜନ୍ମ ହୋଇଥିବା ଝିଅ ନାମରେ ୨୦,୦୦୦ ଟଙ୍କାର ସଂଚୟ । ସ୍ନାତକ ସମାପ୍ତ କରିବା ପରେ ତାଙ୍କୁ ୧ ଲକ୍ଷ ୧ ଟଙ୍କା ପ୍ରଦାନ କରାଯିବ।ଏହା ବ୍ୟତୀତ କେନ୍ଦ୍ରାପଡ଼ା, ଜଗତସିଂହପୁର, ଭଦ୍ରକ ଓ ଝାରସୁଗୁଡ଼ା ଜିଲ୍ଲା ମୁଖ୍ୟାଳୟରେ ୪ଟି ନୂତନ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରାଯିବ। ପାରାଦୀପ ଏବଂ ବଲାଙ୍ଗୀରରେ ଦୁଇଟି ନୂତନ ସରକାରୀ ଇଞ୍ଜିନିୟରିଂ କଲେଜ , ମୟୂରଭଞ୍ଜ ଏବଂ ବଲାଙ୍ଗୀରରେ ନୂତନ କୃଷି ମହାବିଦ୍ୟାଳୟ ପ୍ରତିଷ୍ଠା ,ଚିପିଲିମାରେ ନୂତନ ପ୍ରାଣୀ ଚିକିତ୍ସା ମହାବିଦ୍ୟାଳୟ ଏବଂ ସୋନପୁରରେ ମଧ ମହାବିଦ୍ୟାଳୟ ପ୍ରତିଷ୍ଠା , ଗଜପତି, ମାଲକାନଗିରି ଏବଂ ରାୟଗଡ଼ାରେ ତିନୋଟି ନୂତନ ଆୟୁର୍ବେଦିକ ମେଡିକାଲ କଲେଜ ଏବଂ ନୟାଗଡ଼ ଏବଂ ନୂଆପଡ଼ାରେ ଦୁଇଟି ନୂତନ ହୋମିଓପାଥ୍ ମେଡିକାଲ କଲେଜ ପ୍ରତିଷ୍ଠା କରାଯିବ। ଦକ୍ଷିଣ ଓଡ଼ିଶା ବିକାଶ ଯୋଜନା ଅଧୀନରେ ୩ ବର୍ଷରେ ୨୪୦ କୋଟି ଟଙ୍କା ରେୟାର ଆର୍ଥ କରିଡର ପାଇଁ ୧୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି । ୨୩ କୋଟି ଟଙ୍କାର ବ୍ୟୟବରାଦ ସହିତ ଓଡ଼ିଶା ଇ ମିଶନ , ୧୦୦ କୋଟି ଟଙ୍କା ବ୍ୟବସ୍ଥା ସହିତ ମୁଖ୍ୟମନ୍ତ୍ରୀ ସ୍ମାର୍ଟ ସିଟି ମିଶନ। ନୂତନ ସିଏସଏସ ଯୋଜନା ବିକଶିତ ଭାରତ - ରୋଜଗାର ଏବଂ ଆଜୀବିକା ମିଶନ (ଗ୍ରାମୀଣ) (ଭିବି- ଜି ରାମ କି) ପାଇଁ ୫୫୭୫ କୋଟି ଟଙ୍କା ଆବଂଟନ , ସଂଯୋଗ ହୋଇନଥିବା ଜନବସତିକୁ ସଂଯୋଗ ସୁନିଶ୍ଚିତ କରିବା ପାଇଁ ୧୦୦୦ କୋଟି ଟଙ୍କା ଆବଂଟନ କରାଯାଇଛି।

## କେନ୍ଦୁଝରରେ ୧୦୦ କୋଟିର ଟେକ୍ସଟାଇଲ୍ ପାର୍କ ଓ ୧୮୭ କୋଟି ଟଙ୍କାର ବିପର୍ଯ୍ୟୟ ପୁନରୁଦ୍ଧାର ଏବଂ ଡାଟା ସେଣ୍ଟର ଶିଳାନ୍ୟାସ କଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର( ସ୍ୱ ପ୍ର) : କେନ୍ଦୁଝର ଜିଲ୍ଲାରେ ଶିଳ୍ପ ବିବିଧତା ଏବଂ ଡିଜିଟାଲ୍ ଭିତ୍ତିଭୂମି ବିକାଶରେ ଏକ ଗୁରୁତ୍ୱପୂର୍ଣ୍ଣ ଅଧ୍ୟାୟ ଯୋଡି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗତ ୧୪ ତାରିଖ ଧରଣୀଧର ବିଶ୍ୱବିଦ୍ୟାଳୟ ପରିସରରେ ୧୦୦ କୋଟି ଟଙ୍କାର ଟେକ୍ସଟାଇଲ୍ ପାର୍କ ଏବଂ ୧୮୭ କୋଟି ଟଙ୍କାର ବିପର୍ଯ୍ୟୟ ପୁନରୁଦ୍ଧାର ଏବଂ ଡାଟା ସେଣ୍ଟରର ଶିଳାନ୍ୟାସ କରିଛନ୍ତି।

ସମାବେଶକୁ ସମ୍ବୋଧିତ କରି ମୁଖ୍ୟମନ୍ତ୍ରୀ କେନ୍ଦୁଝରକୁ ଏକ ବିବିଧ ଶିଳ୍ପ ହବ୍‌ରେ ପରିଣତ କରିବା ପାଇଁ ରାଜ୍ୟ ସରକାରଙ୍କ ପ୍ରତିବଦ୍ଧତାକୁ ଉପସ୍ଥାପନା କରିଛନ୍ତି। କେନ୍ଦୁଝର କେବଳ ଖଣି ଏବଂ ଇସ୍ପାତ ପାଇଁ ଜଣାଯିବ ନାହିଁ। ଆମେ ଏହାକୁ ବହୁବିଧ କ୍ଷେତ୍ର ଶିଳ୍ପ ଅଭିବୃଦ୍ଧିର କେନ୍ଦ୍ର କରିବାକୁ ପ୍ରତିବଦ୍ଧ। ଆମର ଦୃଷ୍ଟିକୋଣ ହେଉଛି ଏକ ସୁନାର କେନ୍ଦୁଝର ନିର୍ମାଣ କରିବା ବୋଲି ମୁଖ୍ୟମନ୍ତ୍ରୀ ଏହି ଅବସରରେ କହିଛନ୍ତି।

ସୂଚନା ଥାଉ ଯେ, ୧୦୦ କୋଟି ଟଙ୍କା ନିବେଶରେ ବିକଶିତ ହେବାକୁଥିବା ଟେକ୍ସଟାଇଲ୍ ପାର୍କରେ ୧,୨୦୦ ଯୁବକ ଯୁବତୀ ନିଯୁକ୍ତି ସୁଯୋଗ ପାଇବେ। ଆଧୁନିକ ଭିତ୍ତିଭୂମି ଏବଂ ଲଜିଷ୍ଟିକ୍ ସହାୟତା ସହିତ ହିଣ୍ଡାଲକୋ ୭ ଏକର ଜମିରେ ଏକ ପୋଷାକ ଉତ୍ପାଦନ ୟୁନିଟ୍ ସ୍ଥାପନ କରିବ। ଏହି ୟୁନିଟ୍ ବାର୍ଷିକ ୨୪ ଲକ୍ଷ ପୋଷାକ ଉତ୍ପାଦନ କରିବ।

ସେ କହିଥିଲେ ଯେ ଗତ ବର୍ଷ ଜୁଲାଇ ମାସରେ ଭୁବନେଶ୍ୱରରେ ଅନୁଷ୍ଠିତ ଓ-ଟେକ୍ସ ଟେକ୍ସଟାଇଲ୍ କନକ୍‌ଲେଭ ସମୟରେ, ୭,୮୦୦ କୋଟି ଟଙ୍କାର ୩୩ଟି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା, ଯାହା ରାଜ୍ୟ ସାରା ୫୩,୦୦୦ ରୁ ଅଧିକ ଲୋକଙ୍କ ପାଇଁ ନିଯୁକ୍ତି ସମ୍ଭାବନା ସୃଷ୍ଟି କରିଛି। ଭଦ୍ରକରେ ଏକ ଟେକ୍ନିକାଲ୍ ଟେକ୍ସଟାଇଲ୍ ପାର୍କ ସହିତ, କେନ୍ଦୁଝର, ସମ୍ବଲପୁର, ବଲାଙ୍ଗୀର, ଗଞ୍ଜାମ, କଟକ ଏବଂ ଜଗତସିଂହପୁର ଠାରେ ମଧ୍ୟ ସମର୍ପିତ ବୟନଶିଳ୍ପ ଏବଂ ପୋଷାକ ପାର୍କ ପ୍ରତିଷ୍ଠା କରାଯାଉଛି ।ଆମର ଯୁବପିଢ଼ି ଅନ୍ୟ ରାଜ୍ୟରେ ବୟନ ଶିଳ୍ପକୁ ମଜବୁତ କରୁଛନ୍ତି। ଏବେ, ଓଡ଼ିଶାରେ ମଧ୍ୟ ସମାନ ସୁଯୋଗ ସୃଷ୍ଟି କରାଯିବ ଯାହା ଦ୍ୱାରା ଲୋକମାନେ ନିଜ ଘର ପାଖରେ କାମ କରିପାରିବେ ।ଏହି ଅବସରରେ ମୁଖ୍ୟମନ୍ତ୍ରୀ ଇଲେକ୍‌ଟ୍ରୋନିକ୍ସ ଏବଂ ଆଇଟି ବିଭାଗ ଦ୍ୱାରା ଙଉଇଉ ମାଧ୍ୟମରେ ୧୮୭ କୋଟିଟଙ୍କା ବିନିଯୋଗରେ ଏକ ବିପର୍ଯ୍ୟୟ ପୁନରୁଦ୍ଧାର ଏବଂ ଡାଟା ସେଣ୍ଟର ପାଇଁ ମଧ ଶିଳାନ୍ୟାସ କରିଛନ୍ତି। ଏହି ସୁବିଧା ଭୁବନେଶ୍ୱରରେ ଥିବା ରାଜ୍ୟ ଡାଟା ସେଣ୍ଟରର ଏକ ବ୍ୟାକଅପ୍ ଭାବରେ କାର୍ଯ୍ୟ କରିବ ଏବଂ ପ୍ରାକୃତିକ ବିପର୍ଯ୍ୟୟ କିମ୍ବା ସାଇବର ବିପଦ କ୍ଷେତ୍ରରେ ଡିଜିଟାଲ୍ ଜରିଆରେ ପ୍ରଦାନ କରାଯାଉଥିବା ସରକାରୀ ସେବାର ନିରବଚ୍ଛିନ୍ନ ବିତରଣ ଜାରି ରହିବ ।

## ୪୧୧୧ କୋଟିର...

ସୃଷ୍ଟି ହେବା ସହିତ ଓଡ଼ିଶାକୁ ଉଦୀୟମାନ ସମୁଦ୍ର ଶିଳ୍ପ କେନ୍ଦ୍ର ଭାବେ ଅବସ୍ଥାପିତ କରିବ।

ପୋଷାକ ଏବଂ ବସ୍ତ୍ର କ୍ଷେତ୍ରରେ ଜେ.ଜି ହୋସିଏରୀ ପ୍ରା. ଲିଃ. ଖୋର୍ଦ୍ଧାରେ ଏକ ପୋଷାକ ଉତ୍ପାଦନ ଏକକ ସ୍ଥାପନା କରିବ, ଯାହାର ବାର୍ଷିକ ଉତ୍ପାଦନ କ୍ଷମତା ୧୪୯.୭୬ ନିୟୁତ ଖଣ୍ଡ କପଡା ବିଶିଷ୍ଟ ଏବଂ ୧୦୦ କୋଟି ନିବେଶ ସହିତ, ୨୩୫୦ ଚାକିରି ସୃଷ୍ଟି ହେବ । ଏହାକୁ ଆଜିର ଅନୁମୋଦନରେ ସର୍ବାଧିକ ଚାକିରି ସୃଷ୍ଟି କରିଥିବା ପ୍ରକଳ୍ପମାନଙ୍କ ମଧ୍ୟରେ ଗଣାଯାଇଛି । ଫାର୍ମାସ୍ୟୁଟିକାଲ୍ସ ଏବଂ କେମିକାଲ୍ସ କ୍ଷେତ୍ରରେ ଆଲଭେଷ୍ଟା ଫାର୍ମା ଲିମିଟେଡ୍ ଖୋର୍ଦ୍ଧାରେ ୧୦୦ କୋଟି ଟଙ୍କା ବିନିଯୋଗରେ ଏକ ଫାର୍ମାସ୍ୟୁଟିକାଲ୍ ଫର୍ମୁଲେସନ ୟୁନିଟ୍ ସ୍ଥାପନ କରିବ, ଯାହା ୨୫୦ ନିଯୁକ୍ତି ସୃଷ୍ଟି କରିବ, ଯେତେବେଳେ କି ବ୍ଲୁ ମାଉଣ୍ଟ ଏନର୍ଜି ଲିମିଟେଡ୍ ୧୦୦ କୋଟି ଟଙ୍କା ବିନିଯୋଗରେ ବାର୍ଷିକ ୧୭,୦୦୦ ମେଟ୍ରିକ୍ ଟନ୍ ଉତ୍ପାଦନ କ୍ଷମତା ବିଶିଷ୍ଟ ଏକ ସର୍ବିଟଲ୍ ଉତ୍ପାଦନ ୟୁନିଟ୍ କଟକରେ ପ୍ରତିଷ୍ଠା କରିବା ସହ ୧୦୦ ନିଯୁକ୍ତି ସୃଷ୍ଟି କରିବ । ଗ୍ରୋଇଂ ଟ୍ରି ଅଏଲ ରିଫାଇନାରୀ ପ୍ରାଇଭେଟ ଲିମିଟେଡ ୧୦୦ କୋଟି ଟଙ୍କା ବିନିଯୋଗରେ କଟକରେ ଏକ ସମନ୍ୱିତ ଦ୍ରବଣୀୟ ଉତ୍ତୋଳନ ୟୁନିଟ୍, ତୈଳ ବିଶୋଧନାଗାର, ମାଛ ଖାଦ୍ୟ, ଚିଙ୍ଗୁଡ଼ି ଖାଦ୍ୟ, ଗୋଖାଦ୍ୟ ଏବଂ କୁକୁଡ଼ା ଖାଦ୍ୟ ଉତ୍ପାଦନ କମ୍ପ୍ଲେକ୍ସ ବିକଶିତ କରିବ, ଏଥିରେ ୨୫୦ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ସହ କୃଷି ପ୍ରକ୍ରିୟାକରଣ ଏବଂ ରାସାୟନିକ ମୂଲ୍ୟ ଶୃଙ୍ଖଳକୁ ସୁଦୃଢ଼ କରିବ।

ରିଫ୍ରାକ୍ଟୋରୀ ଏବଂ ଆଲୁମିନିୟମ୍ ଡାଉନଷ୍ଟ୍ରିମ୍ କ୍ଷେତ୍ରରେ, ସର୍ବ ?ଶ ରିଫ୍ରାକ୍ଟୋରିଜ୍ ଲିମିଟେଡ୍ ସୁନ୍ଦରଗଡ଼ରେ ୬୨ କୋଟି ଟଙ୍କା ବିନିଯୋଗରେ ଏକ ସିଲିକା ଇଟା ଉତ୍ପାଦନ କାରଖାନା ସ୍ଥାପନ କରି ଏହାର ରହିଥିବା ୟୁନିଟ୍ ବିସ୍ତାର କରିବ, ଯାହା ୧୦୦ ନିଯୁକ୍ତି ସୃଷ୍ଟି କରିବ, ଯେତେବେଳେ କି ଝାଡ଼ଖଣ୍ଡ ଗ୍ରାଇଣ୍ଡ କେମ୍ ପ୍ରାଇଭେଟ୍ ଲିମିଟେଡ୍ ୬୭.୧୫ କୋଟି ଟଙ୍କା ବିନିଯୋଗରେ ଯାଜପୁରରେ ଏକ ରିଫ୍ରାକ୍ଟୋରୀ ୟୁନିଟ୍ ପ୍ରତିଷ୍ଠା କରିବ ଏବଂ ୨୨୫ ନିଯୁକ୍ତି ସୃଷ୍ଟି କରିବ । ରୋମକୋ ଆଲୁମିନେଟ୍ସ (କୋରାପୁଟ) ପ୍ରାଇଭେଟ୍ ଲିମିଟେଡ୍ ୫୪.୫୦ କୋଟି ଟଙ୍କା ବିନିଯୋଗରେ କୋରାପୁଟରେ ଏକ ଆଲୁମିନା ଭିତ୍ତିକ ରିଫ୍ରାକ୍ଟୋରୀ ଉତ୍ପାଦନ ୟୁନିଟ୍ ସ୍ଥାପନ କରିବ, ଯାହା ୧୦୦ ନିଯୁକ୍ତି ସୃଷ୍ଟି କରିବ ଏବଂ ଦକ୍ଷିଣ ଓଡ଼ିଶାରେ ଆଲୁମିନିୟମ୍ ଡାଉନଷ୍ଟ୍ରିମ୍ ଶିଳ୍ପାୟନକୁ ମଜବୁତ କରିବ।

ପ୍ଲାଷ୍ଟିକ୍, କାଚ୍ ଏବଂ ପ୍ୟାକେଜିଂ କ୍ଷେତ୍ରରେ, ଯଶ୍ ? ଫ୍ଲେକ୍ସି ପ୍ୟାକ୍ ପ୍ରାଇଭେଟ୍ ଲିମିଟେଡ୍ ବାଲେଶ୍ୱରରେ ୧୨,୪୦୦ ମେଟ୍ରିକ ଟନ ଫ୍ଲେକ୍ସିବଲ୍ ପ୍ୟାକେଜିଂ ପ୍ରଡକ୍ଟସ୍ ଇଉନିଟ୍ ସ୍ଥାପନ କରିବାକୁ ୫୧ କୋଟି ବିନିଯୋଗ ସହ ୧୫୦ ନିଯୁକ୍ତି ସୃଷ୍ଟି କରିବ, ଯେତେବେଳେ କି ଜେବିଏସଏସ ଗ୍ଲାସ୍ ପ୍ରାଇଭେଟ୍ ଲିମିଟେଡ୍ କଟକରେ ଏକ କାଚ୍ ଉତ୍ପାଦନ ଇଉନିଟ୍ ସ୍ଥାପନ କରିବାକୁ ୫୦ .୮୫ କୋଟିର ବିନିଯୋଗ କରି, ୨୬୩ ଚାକିରି ସୃଷ୍ଟି କରିବ ଯଦ୍ୱାରା ଓଡିଶାର ଶିଳ୍ପ ଉତ୍ପାଦନ ଆଧାର ବିସ୍ତାରିତ ହେବ ।

ଇସ୍ପାତ, ଖଣିଜ ବେନିଫିକେସନ ଏବଂ ଆନୁଷଙ୍ଗିକ ଧାତୁ ଡାଉନଷ୍ଟ୍ରିମ କ୍ଷେତ୍ରରେ, ସୁନ୍ଦରଗଡରେ କଳିଙ୍ଗ ମେଟାଲିକ୍ସ ଲିମିଟେଡର ୪ ଏମଟିପିଏ ଲୁହାପଥର ବେନିଫିସିଏସନ ପ୍ଲାଣ୍ଟ ସମେତ ଏକାଧିକ ବୃହତ୍ ପ୍ରକଳ୍ପକୁ ଅନୁମୋଦନ କରାଯାଇଛି, ଯେଉଁଥିରେ ୬୦୦ କୋଟି ଟଙ୍କା ବିନିଯୋଗ ହୋଇଛି, ଯାହା ୭୦୦ ନିଯୁକ୍ତି ସୃଷ୍ଟି କରିବ; ୨୫୦ କୋଟି ଟଙ୍କା ବିନିଯୋଗରେ ଦେବଗଡ଼ରେ ଶ୍ରୀ ରାମ ଆଇରନ୍ ଆଣ୍ଡ ଆଲଏଜ୍ ପ୍ରାଇଭେଟ୍ ଲିମିଟେଡ୍ ର ୦.୮ ଏମ୍ ଟିପିଏ ପେଲେଟ୍ ପ୍ଲାଣ୍ଟ ସ୍ଥାପନ କରି ୪୭୫ ନିଯୁକ୍ତି ସୃଷ୍ଟି ଲକ୍ଷ୍ୟ ରଖିଛି। ରଶ୍ମି ମେଟାଲର୍ଜିକାଲ୍ ଇଣ୍ଡଷ୍ଟ୍ରି ପ୍ରାଇଭେଟ୍ ଲିମିଟେଡ୍ ସୁନ୍ଦରଗଡ଼ରେ ଟେଲିଂ ପୋଖରୀ ସହିତ ୩.୦ ଏମ୍ ଟିପିଏ ଲୁହାପଥର ବେନିଫିସିଏସନ୍ ପ୍ଲାଣ୍ଟ ୩୫୦ କୋଟି ଟଙ୍କା ବିନିଯୋଗରେ ୨୦୦ ନିଯୁକ୍ତି ସୃଷ୍ଟି କରିବ; ସୁନ୍ଦରଗଡ଼ରେ ଆରିୟାସ ଓର ରିଫାଇନାରୀ ପ୍ରାଇଭେଟ୍ ଲିମିଟେଡ୍ ର ଲୁହାପଥର ବେନିଫିସିଏସନ୍ ପ୍ଲାଣ୍ଟ ୫୧ କୋଟି ଟଙ୍କା ବିନିଯୋଗରେ ୧୪୯ ଟି ନିଯୁକ୍ତି ସୃଷ୍ଟି କରିବ; ସୁନ୍ଦରଗଡ଼ରେ ଇଷ୍ଟସାଇଡ୍ ଶୁଭ ଷ୍ଟିଲ୍ ପ୍ରାଇଭେଟ୍ ଲିମିଟେଡ୍ ର ଇସ୍ପାତ ପ୍ରକ୍ରିୟାକରଣ ୟୁନିଟ୍ ୬୦.୦୫ କୋଟି ଟଙ୍କା ବିନିଯୋଗରେ ୧୩୦ ନିଯୁକ୍ତି ସୃଷ୍ଟି କରିବ, ଯାହା ଓଡ଼ିଶାର ଖଣିଜଭିତ୍ତିକ ଶିଳ୍ପ ମୂଲ୍ୟ ଶୃଙ୍ଖଳକୁ ଯଥେଷ୍ଟ ମଜବୁତ କରିବ ।ଲଜିଷ୍ଟିକ୍ସ, ଗୋଦାମ ଓ ଭିତ୍ତିଭୂମି କ୍ଷେତ୍ରରେ ସୃଷ୍ଟି ଟ୍ରେଡିଂ କର୍ପୋରେସନ୍ ପ୍ରାଇଭେଟ୍ ଲିମିଟେଡ୍ କଟକରେ ଏକ ଲଜିଷ୍ଟିକ୍ ପାର୍କ ଓ ଗୋଦାମ ସୁବିଧା ବିକାଶ କରିବାକୁ ଯୋଜନା କରୁଛି, ଯାହାର ପୁଞ୍ଜିରାଶି ୧୬୦.୭୫ କୋଟି, ୫୯୫ ଟି ଚାକିରି ସୃଷ୍ଟି କରିବ, ଔଦ୍ୟୋଗିକ ସଂଯୋଗକୁ ସୁଦୃଢ କରିବ ଓ ସପ୍ଲାଇ ଚେନ୍ କ୍ଷମତାକୁ ବୃଦ୍ଧି କରିବ ।

ପର୍ଯ୍ୟଟନ ଏବଂ ଆତିଥେୟତା କ୍ଷେତ୍ରରେ, ଏକାଧିକ ପ୍ରିମିୟମ ଆତିଥ୍ୟ ପ୍ରକଳ୍ପ ମଞ୍ଜୁର ହୋଇଛି, ଯେପରିକି ଖୋର୍ଦ୍ଧାରେଏମକେ ଆସେଟ୍ସ ପ୍ରାଇଭେଟ୍ ଲିମିଟେଡ୍ ଦ୍ୱାରା ପଂଚ ତାରକା ବିଳାସପୂର୍ଣ୍ଣ ହୋଟେଲ୍, ଯାହାର ନିବେଶ ୨୧୦ କୋଟି, ୨୪୦ଟି ଚାକିରି ସୃଷ୍ଟି; ପୁରୀରେ ମଞ୍ଜୀରା ହୋଟେଲ୍ସ ଏଣ୍ଡ ରିସୋର୍ଟ ପ୍ରା. ଲିଃ. ଦ୍ୱାରା ପଂଚ ତାରକା ବିଳାସ ପୂର୍ଣ୍ଣ ହୋଟେଲ୍, ଯାହାର ନିବେଶ ୨୦୦ କୋଟି, ୪୫୦ଟି ଚାକିରି ସୃଷ୍ଟି । ପୁରୀରେ ପଣ୍ଡା ରିସୋର୍ଟ ପ୍ରାଇଭେଟ୍ ଲିଃ. ଦ୍ୱାରା ୪-ତାରକା ହୋଟେଲ୍, ଯାହାର ନିବେଶ ୭୦ କୋଟି, ୨୪୦ଟି ଚାକିରି ସୃଷ୍ଟି; ଏବଂ ସମ୍ବଲପୁରରେ ଶଙ୍କରୀ ଦେବୀ ଏଣ୍ଟରପ୍ରାଇଜ୍ ଦ୍ୱାରା ୪-ଷ୍ଟାର୍ ହୋଟେଲ୍, ଯାହାର ନିବେଶ ୬୪.୧୦ କୋଟି, ୧୬୫ଟି ଚାକିରି ସୃଷ୍ଟି, ଏସବୁ ଓଡ଼ିଶାର ଉଚ୍ଚ ଶ୍ରେଣୀର ପର୍ଯ୍ୟଟନ ଭିତ୍ତିଭୂମିକୁ ଉଲ୍ଲେଖନୀୟ ଭାବେ ସୁଦୃଢ କରିବ ।

ପ୍ଲାଷ୍ଟିକ୍ କ୍ଷେତ୍ରରେ ୱାଟର୍ ଟେକ୍ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍ ଗଞ୍ଜାମରେ ପ୍ଲାଷ୍ଟିକ୍ ଆଧାରିତ ଉତ୍ପାଦ ପାଇଁ ଏକ ସୁବିଧା ସ୍ଥାପନ କରିବାକୁ ୩୮୭ କୋଟିର ବିନିଯୋଗ କରିବ, ଯାହା ୯୭୫ ଟି ଚାକିରି ସୃଷ୍ଟି କରିବ ଯାହା ଫଳରେ ଶିଳ୍ପ ଯୋଗାଯୋଗ ଏବଂ ସପ୍ଲାୟ ଚେନ୍ କାର୍ଯ୍ୟକ୍ଷମତାକୁ ବୃଦ୍ଧି ଘଟିବ ।

ଏହି ୨୩ ଟି ପ୍ରକଳ୍ପ ସାମଗ୍ରିକ ଭାବେ ମୋଟ ୪୧୧୧ .୮୦ କୋଟି ନିବେଶ ଏବଂ ୯୯୨୪ ଟି ନିଯୁକ୍ତି ସୁଯୋଗ ସୃଷ୍ଟି କରୁଛି, ଯାହା ପୂର୍ବ ଭାରତରେ ଓଡ଼ିଶାକୁ ଏକ ସମ୍ଭାବନାଶୀଳ ନିବେଶ ଗନ୍ତବ୍ୟ ସ୍ଥାନ ଭାବରେ ପୁନରୁସ୍ଥାପିତ କରିଛି। ପାରମ୍ପରିକ ଉତ୍ପାଦନରୁ ବିମାନ ଓ ଅନ୍ତରୀକ୍ଷ ଶିଳ୍ପ, ପ୍ରତିରକ୍ଷା, ଉନ୍ନତ ଉତ୍ପାଦନ, ଲଜିଷ୍ଟିକ୍ସ, ଭିତ୍ତିଭୂମି ଓ ପ୍ରିମିୟମ୍ ପର୍ଯ୍ୟଟନ ପର୍ଯ୍ୟନ୍ତ ସୁଦୃଢ କ୍ଷେତ୍ରୀୟ ବିବିଧତା ସହିତ, ରାଜ୍ୟ ଏକ ସହିଷ୍ଣୁ ଏବଂ ଭବିଷ୍ୟତ ପାଇଁ ପ୍ରସ୍ତୁତ ଶିଳ୍ପ ଆଧାର ନିର୍ମାଣ କରୁଛି ।

## କିଟ୍ ବିଶ୍ୱବିଦ୍ୟାଳୟର ୨୨ତମ ପ୍ରତିଷ୍ଠା ଦିବସ ପାଳିତ




ଭୁବନେଶ୍ୱର:ସୋମବାର କିଟ ବିଶ୍ୱବିଦ୍ୟାଳୟ ୨୨ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ କଲମ୍ବିଆ ହସପିଟାଲିଟି ପ୍ରତିଷ୍ଠାତା ତଥା ଅଧକ୍ଷ ଜନ୍ ଓପେନହାଇମର; କଲମ୍ବୋ ହୁନୁପିଟିଆ ଗଙ୍ଗାରାମାୟ ମନ୍ଦିରର ମୁଖ୍ୟ ପଦାଧିକାରୀ ଡ କିରିଣ୍ଡେ ଆସାଜି ନାୟକ ଥେରୋ; ଦି ପ୍ରିଣ୍ଟର୍ସ (ମହୀଶୂର) ପ୍ରାଇଭେଟ୍ ଲିମିଟେଡର ନିର୍ଦ୍ଦେଶକ ଏବଂ ପ୍ରେସ୍ ଟ୍ରଷ୍ଟ ଅଫ୍ ଇଣ୍ଡିଆ ବୋର୍ଡର ପ୍ରାକ୍ତନ ନିର୍ଦ୍ଦେଶକ କେ.ଏନ୍. ଶାନ୍ତ କୁମାର; ଏବଂ ତିବତୀୟ ବୌଦ୍ଧ ଧର୍ମର ଗୁରୁ ତଥା ସ୍ୱିଜରଲ୍ୟାଣ୍ଡର ରିପା ଇଣ୍ଟରନ୍ୟାସନାଲ୍ ସେଣ୍ଟରର ଆଧ୍ୟାତ୍ମିକ ନିର୍ଦ୍ଦେଶକ ଗେତରୁଲ୍ ଜିଗମେ ରିନପୋଚେ ପ୍ରମୁଖ ଯୋଗଦେଇ ପ୍ରତିଷ୍ଠା ଦିବସ ବକ୍ତୃତ ପ୍ରଦାନ କରିଥିଲେ। ଏହି ଅବସରରେ ସେମାନଙ୍କୁ କିଟ ଜୀବନବ୍ୟାପୀ ସାଧନା ପୁରସ୍କାର ପ୍ରଦାନ କରାଯାଇଥିଲା।

ଏହି ପରିପ୍ରେକ୍ଷୀରେ ଉଦ୍‌ବୋଧନ ଦେଇ ଓପେନହାଇମର କହିଲେ, ସିଆଟେଲର କିଟ ଓ କିସ୍ ପରିଦର୍ଶନ କରି ସେ ଗଭୀର ଭାବରେ ଭାବପ୍ରବଣ ହୋଇଛନ୍ତି। କିଟ୍ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇ ସେ କହିଲେ, ଏହି ସମାଜ ପ୍ରତି ତୁମର ଯେଉଁ ଅବଦାନ ରହିଛି ତାହା କିଛି କମ୍ ନୁହେଁ। ନିଜ ସଂପ୍ରଦାୟ, ପରିବାର, ଦେଶ ଓ ବିଶ୍ୱକୁ ଏକ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେବାର ସୁଯୋଗ ଛାତ୍ରଛାତ୍ରୀଙ୍କ ନିକଟରେ ଅଛି। ଛାତ୍ରଛାତ୍ରୀମାନେ ନିଜ ହୃଦୟକୁ ଅନୁସରଣ କରିବା ଉଚିତ। କାରଣ ଏହା ତୁମମାନଙ୍କୁ ତୁମ ଉଦ୍ଦେଶ୍ୟ ସହିତ ଯୋଡ଼ି ରଖିବା ସହ ନିଷ୍ପତ୍ତି ନେବା ସହଜ କରିଦିଏ। ଯଦି ତୁମେ ତୁମ ହୃଦୟକୁ ଅନୁସରଣ କର, ତେବେ ନିଷ୍ପତ୍ତି ନେବା ସହଜ ହୋଇଯାଏ।

ବିଶିଷ୍ଟ ସାମ୍ବାଦିକ କେ.ଏନ୍. ଶାନ୍ତ କୁମାର କହିଲେ, କିଟ କେବଳ ଅନୁଷ୍ଠାନ ନୁହେଁ; ଏହା ଏକ ଦୃଷ୍ଟିକୋଣ। ସାମ୍ବାଦିକତାରେ ଚାରି ଦଶନ୍ଧିରୁ ଅଧିକ ସମୟ ଧରି ନିଜ ଅଭିଜ୍ଞତା ଉପରେ ଗୁରୁତ୍ୱାରୋପ କରି ସେ କହିଲେ, ଗଣମାଧ୍ୟମର ଦୃଶ୍ୟପଟ ନାଟକୀୟ ଭାବରେ ପରିବର୍ତ୍ତନ ହୋଇଥିଲେ ମଧ୍ୟ, ଏହାର ମୌଳିକ ମୂଳଦୁଆ ସ୍ଥିର ରହିଛି। ଆଜି, ପ୍ରତ୍ୟେକ ମିନିଟ୍‌ରେ ଖବର ପ୍ରକାଶ ପାଏ। କିନ୍ତୁ ସତ୍ୟ, ବିଶ୍ୱସନୀୟତା, ଯାଞ୍ଚ ଓ ନୈତିକ ଖବର ପରିବେଷଣ କରିବା ସାମ୍ବାଦିକତାର ମୂଳଦୁଆ ହୋଇ ରହିଛି ବୋଲି ସେ କହିଥିଲେ।

ଦାୟିତ୍ୱପୂର୍ଣ୍ଣ ନାଗରିକ ସାମ୍ବାଦିକତାରେ ସାମିଲ ହେବାକୁ ଛାତ୍ରମାନଙ୍କୁ ଆହ୍ୱାନ କରିଥିଲେ। ସେ କହିଲେ, ଜିଜ୍ଞାସୁ ରହିବା, ବିଶ୍ୱସନୀୟତାକୁ ମୂଲ୍ୟ ଦେବା ଓ ସ୍ଥିରତା ନିର୍ମାଣ କରିପାରିଲେ ସାମ୍ବାଦିକତା ଜରିଆରେ ଲୋକ କଲ୍ୟାଣ ହୋଇପାରିବ।

ଡ କିରିଣ୍ଡେ ଆସାଜି ନାୟକ ଥେରୋ କିଟ୍‌ର ପ୍ରତିଷ୍ଠା ଦିବସକୁ 'ଇତିହାସର ଆଧ୍ୟାତ୍ମିକ ପୁନର୍ମିଳନ ଭାବରେ ବର୍ଣ୍ଣନା କରିଥିଲେ। ସେ କହିଲେ, 'ମୁଁ ଅନେକ ଦେଶ ଗସ୍ତ କରିଛି, ଅନେକ ପ୍ରତିଷ୍ଠାନ ଦେଖିଛି, କିନ୍ତୁ କରୁଣା, ଶୃଙ୍ଖଳା, ମାନବତା ଓ ଦୃଷ୍ଟିକୋଣ ଆଦିର ମିଳନ ହୋଇଥିବା କିଟ୍ ଓ କିସ୍ ଭଳି ଅନୁଷ୍ଠାନ ବହୁତ କମ୍ ଦେଖିଛି।

ରିନପୋଚେ କହିଲେ, ସଫଳତା ହାସଲ କରୁଥିବା ଅନେକ ଲୋକ ଅଛନ୍ତି, କିନ୍ତୁ ବହୁତ କମ୍ ଲୋକ ନମ୍ର ହୋଇ ରହନ୍ତି। ମୋ ପାଇଁ, ଏହା ପ୍ରକୃତ ସଫଳତା ସେ କହିଥିଲେ। ସେ ବ୍ୟବହାରିକ କରୁଣା ବିଷୟରେ କହିଲେ, ବ୍ୟବହାରିକ କରୁଣା ପାଇଁ ଦାର୍ଶନିକ କିମ୍ବା ଶିକ୍ଷାଗତ ଯୋଗ୍ୟତା ଆବଶ୍ୟକ ନାହିଁ। କିମ୍ବା ସମସ୍ତ ଜଟିଳ ଦର୍ଶନ ଓ ଏକାଡେମୀରେ ଏତେ ଶିକ୍ଷିତ ହେବା ଆବଶ୍ୟକ ନାହିଁ। କେବଳ ଅନ୍ୟମାନଙ୍କ ପ୍ରତି ଅନୁଭବ କରିବାର କ୍ଷମତାକୁ ବ୍ୟବହାରିକ କରୁଣା କୁହାଯାଏ। ତାଙ୍କ ଜେଜେମା'ଙ୍କ କଥା ମନେ ପକାଇ ସେ କହିଥିଲେ, 'ଦାନ କରି କେହି କେବେ ଗରିବ ହୁଅନ୍ତି ନାହିଁ। ଯେଉଁମାନେ ଦିଅନ୍ତି ନାହିଁ ସେମାନେ ସର୍ବଦା ଗରିବ ହୋଇ ରହନ୍ତି। ଦାରିଦ୍ର୍ୟ ମନରେ ଅଛି ଦାନରେ ନାହିଁ ବୋଲି ସେ କହିଥିଲେ।ସ୍ୱାଗତ ଭାଷଣ ଦେଇ କିଟ ଓ କିସ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ କହିଲେ, ନୀରବ, ଦୃଢ଼ ସଂକଳ୍ପ ଓ ଏକ ଦୂରଦୃଷ୍ଟି ସହିତ କିଟ୍‌ର ଯାତ୍ରା ଆରମ୍ଭ ହୋଇଥିଲା। ଏହାକୁ ପଛକୁ ଫେରି ଚାହିଁ ଦେଖିଲେ, ଆମେ ଯାହା କିଛି ସଫଳତା ହାସଲ କରିଛୁ ତାହା କିଟ, କିସ ଓ କିମସର କର୍ମଚାରୀ, ଛାତ୍ରଛାତ୍ରୀଙ୍କ ମିଳିତ ପ୍ରୟାସ ଯୋଗୁଁ ହିଁ ସମ୍ଭବ ହୋଇପାରିଛି ବୋଲି ସେ କହିଥିଲେ।

# ଦାରିଦ୍ର୍ୟ ୫%କୁ ଖସିବ,ବିକାଶ ଜୋରରେ ବଢ଼ିବ : ରାଜ୍ୟପାଳ



ଭୁବନେଶ୍ୱର: ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ବିଧାନସଭାରେ ଅଭିଭାଷଣ ଦେଇ ରାଜ୍ୟ ଅର୍ଥନୀତିର ଏକ ଗୋଲାପୀ ଚିତ୍ର ଉପସ୍ଥାପନ କରିଥିଲେ। ସେ କହିଥିଲେ ଯେ ୨୦୩୬ ଓ ୨୦୪୭କୁ ଦୃଷ୍ଟିରେ ରଖି ଭିଜନ୍ ଡକ୍ୟୁମେଣ୍ଟ ପ୍ରସ୍ତୁତ କରାଯାଇଛି। ୨୦୩୬ ସୁଦ୍ଧା ଓଡିଶାକୁ ୫୦୦ ବିଲିୟନ ଡଲାର ଓ ୨୦୪୭ ସୁଦ୍ଧା ୧.୫ ଟ୍ରିଲିୟନ ଡଲାର ଅର୍ଥନୀତିରେ ପରିଣତ କରାଯିବ। ଦେଶର ମୋଟ୍ ଘରୋଇ ଉତ୍ପାଦ (ଜିଡିପି)କୁ ରାଜ୍ୟର ଅବଦାନ ବର୍ତ୍ତମାନର ୩ ପ୍ରତିଶତରୁ ବୃଦ୍ଧି ପାଇ ୫ ପ୍ରତିଶତ ହେବ। ରାଜ୍ୟର ବାର୍ଷିକ ଅଭିବୃଦ୍ଧି ହାର ୭ ପ୍ରତିଶତରୁ ବୃଦ୍ଧି ପାଇ ୯.୫ ପ୍ରତିଶତ କରିବାକୁ ଲକ୍ଷ୍ୟ ରଖାଯାଇଛି ବୋଲି ସେ କହିଥିଲେ। ସେହିପରି, ୨୦୪୭ ସୁଦ୍ଧା ରାଜ୍ୟର ମୁଣ୍ଡପିଛା ଆୟ ବର୍ତ୍ତମାନର ୧.୮ ଲକ୍ଷ ଟଙ୍କାରୁ ବଢ଼ାଇ ୩୨ ଲକ୍ଷ୍ୟ ଟଙ୍କା କରିବା, ବହୁମୁଖୀ ଦାରିଦ୍ର୍ୟକୁ ୫ ପ୍ରତିଶତକୁ କମାଇବା, ମହିଳା ଶ୍ରମଶକ୍ତି ଅଂଶଗ୍ରହଣ ହାରକୁ ୭୦ ପ୍ରତିଶତକୁ ବଢ଼ାଇବା, ଆୟୁ ସୀମାକୁ ୮୦ ବର୍ଷରୁ ଅଧିକ କରିବାକୁ ଲକ୍ଷ୍ୟ ରଖାଯାଇଥିବା ରାଜ୍ୟପାଳ କହିଥିଲେ। ଭିତ୍ତିଭୂମି ବିକାଶ ଉପରେ ସରକାର ଦେଉଥିବା ଗୁରୁତ୍ୱ ସମ୍ପର୍କରେ ସେ କହିଥିଲେ ଯେ ୮୩୦୦ କୋଟି ଟଙ୍କାର ରାମେଶ୍ୱର-ପାରାଦୀପ ଉପକୂଳ ରାଜପଥ ପ୍ରକଳ୍ପ ଦ୍ୱାରା ଦୂରତା ଓ ଯାତ୍ରା ସମୟ ୪୫ ପ୍ରତିଶତ ହ୍ରାସ ପାଇବ। ସେହିପରି ୮୩୦୮ କୋଟି ଟଙ୍କା ବିନିଯୋଗରେ ୬-ଲେନ୍ ବିଶିଷ୍ଟ ପ୍ରବେଶ ନିୟନ୍ତ୍ରିତ ନୂଆ କ୍ୟାପିଟାଲ୍ ରିଜିଅନ ରିଙ୍ଗ୍ ରୋଡ୍ ନିର୍ମାଣ ଭୁବନେଶ୍ୱର, କଟକ ଓ ଖୋର୍ଦ୍ଧାରେ ଯାନବାହନ ଭିଡ କମାଇବା ସହ ଲଜିଷ୍ଟିକ୍ ଖର୍ଚ୍ଚ କମ୍ କରିବାରେ ସହାୟକ ହେବ।

ଶିଳ୍ପାୟନ ସମ୍ପର୍କରେ ରାଜ୍ୟପାଳ ଡ. କମ୍ଭମପାଟି କହିଥିଲେ ଯେ ୨୦୨୫ରେ ୨ ଲକ୍ଷ କୋଟି ଟଙ୍କାରୁ ଅଧିକ ନିବେଶ ସହିତ ୮୫ଟି ଶିଳ୍ପ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ କରାଯାଇଥିଲା। ଯାହାଫଳରେ ୧.୬୫ ଲକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଛି। ବିଭିନ୍ନ ରୋଡ୍ ସୋ' ଜରିଆରେ ସରକାର ୭.୧ ଲକ୍ଷ କୋଟି ଟଙ୍କାରୁ ଅଧିକ ପୁଞ୍ଜିନିବେଶ ଆଗ୍ରହ ହାସଲ କରିଛନ୍ତି। ୪.୬୫ ଲକ୍ଷ ନିଯୁକ୍ତି ସମ୍ଭାବନା ଥିବା ୩୪୩ଟି ଶିଳ୍ପ ପ୍ରକଳ୍ପକୁ ଅନୁମୋଦନ ପ୍ରଦାନ କରାଯାଇଛି।

## ମାମଲା ଗୁଡ଼ିକର ସମାଧାନ ପାଇଁ ବିଶେଷ ମଧ୍ୟସ୍ଥତା ଅଭିଯାନ ୨.୦

ଝାରସୁଗୁଡା ( ନି ପ୍ର) : ଜାତୀୟ ଆଇନ ସେବା ପ୍ରାଧୀକରଣ, ନୂଆଦିଲ୍ଲୀ ଏବଂ ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣ କଟକଙ୍କ ନିର୍ଦ୍ଦେଶକ୍ରମେ ଗତ ଜାନୁଆରୀ ମାସ ୨ ତାରିଖରୁ ସାରା ଦେଶରେ ବିଶେଷ ମଧ୍ୟସ୍ଥତା ଅଭିଯାନ ଚ଼ାଲୁ ରହିଛି । ଏହି କ୍ରମରେ ଜିଲ୍ଲା ଆଇନସେବା ପ୍ରାଧିକରଣ ଝାରସୁଗୁଡ଼ାର ମଧ୍ୟସ୍ଥତା କେନ୍ଦ୍ରରେ ମଧ ଏହି ମଧ୍ୟସ୍ଥତା ଅଭିଯାନ ଚ଼ାଲୁ ରହିଛି । ବିବାଦୀୟ ପକ୍ଷଗୁଡ଼ିକ ଅଦାଲତରେ ମାମଲାର ବିଚ଼ାର ନକରି ଏକ ନିରପେକ୍ଷ ତୃତୀୟ ପକ୍ଷଙ୍କ ସହାୟତାରେ ସେମାନଙ୍କର ବିବାଦର ଏକ ଗ୍ରହଣଯୋଗୀ ଏବଂ ସୃଜନାତ୍ମକ ଢଙ୍ଗରେ ସମାଧାନ କରିପାରିବେ। ବିବାଦର ସମାଧାନ ନିମନ୍ତେ ମଧ୍ୟସ୍ଥତା ଏକ ଅପୂର୍ବ ସୁଯୋଗ ଆଣିଥାଏ । ପକ୍ଷମାନଙ୍କୁ ଅଦାଲତରେ ମିଳୁଥିବା ନିଷ୍ପତ୍ତି ଠାରୁ ସନ୍ତୋଷଜନକ ଫଳ ଏହି ସମାଧାନ ପଦ୍ଧତି ମାଧ୍ୟମରେ ମିଳିଥାଏ । ଏହା ବ୍ୟତୀତ ଅଦାଲତରେ ରାୟ ପାଇବା ପାଇଁ ଆବଶ୍ୟକ ହେଉଥିବା ଅର୍ଥ ଏବଂ ସମୟ ଅପଚ଼ୟରୁ ମୁକ୍ତି ମିଳିଥାଏ। ମଧ୍ୟସ୍ଥତା ଦ୍ୱାରା ମାମଲାଟି ସମାଧାନ ହୋଇଗଲେ ଦାୟର ହୋଇଥିବା କୋର୍ଟ ଫି ଫେରସ୍ତ ଦିଆଯିବାର ବ୍ୟବସ୍ଥା ରହିଛି ବୋଲି ଆଇନସେବା ପ୍ରାଧିକରଣ ପକ୍ଷରୁ ପ୍ରାଧିକରଣ ସଚ଼ିବ ସୂଚ଼ନା ଦେଇଛନ୍ତି । ମଧ୍ୟସ୍ଥତା ହେଉଛି ବିବାଦ ସମାଧାନ ତଥା ବିବାଦ ଶୁଣାଣୀର ଏକ ବିକଳ୍ପ ବ୍ୟବସ୍ଥା । ଏହି ଅଭିଯାନରେ କୋର୍ଟରେ ବିଚ଼ାରାଧୀନ ଥିବା ବୈବାହିକ ବିବାଦ ସମ୍ବନ୍ଧୀୟ ମାମଲା ଘରୋଇ ହିଂସା ସହିତ, ଚେକ୍ ବାଉନ୍ସ, ଗାଡି ମୋଟର ଦୁର୍ଘଟଣା ଜନିତ ମାମଲା, ସାଲିସ୍ ଯୋଗ୍ୟ ଫୌଜଦାରି ମାମଲା, ଜମି ଅଧିଗ୍ରହଣ, ଜମିବାଡି ଭାଗବଣ୍ଟା, ଉଚ୍ଛେଦ ମାମଲା, ବାଣିଜ୍ୟିକ ବିବାଦ ମାମଲା, ଉପଯୁକ୍ତ ନିଯୁକ୍ତି ବା ଚ଼ାକିରୀ ସମ୍ବନ୍ଧୀୟ ମାମଲା, ଶ୍ରମ ଅଧିନିୟମ, ଚୁକ୍ତିନାମା ଆଇନ୍, ଖାଉଟି ମାମଲା ଏବଂ ଅନ୍ୟାନ୍ୟ ସମସ୍ତ ପ୍ରକାରର ଦେୱାନି ମାମଲା ଗୁଡିକ ମଧ୍ୟସ୍ଥତା ମାଧ୍ୟମରେ ସମାଧାନ କରାଯାଇପାରିବ, ଯାହା ଦ୍ୱାରା ଜନସାଧାରଣ ମାନେ ସମୟ ଏବଂ ଖରଚ଼ ଅପଚ଼ୟ ହେବାରୁ ରକ୍ଷା ପାଇପାରିବେ । ଜନସାଧାରଣ ଏହି ସୁଯୋଗ ର ସଦୁପଯୋଗ କରନ୍ତୁ ବୋଲି ପ୍ରାଧିକରଣ ପକ୍ଷରୁ ସୂଚ଼ନା ଦିଆଯାଇଛି। ଅଧିକ ସୂଚ଼ନା ପାଇଁ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ଝାରସୁଗୁଡ଼ା ସହିତ ଯୋଗାଯୋଗ କରିପାରିବେ କିମ୍ବା ରାଷ୍ଟ୍ରୀୟ ହେଲ୍ପଲାଇନ ୧୫୧୦୦ କୁ ମଧ ଫୋନ୍ କରି ସୂଚ଼ନା ନେଇ ପାରିବେ ।

## ସୁରକ୍ଷିତ ଇଣ୍ଟରନେଟ୍ ଦିବସ ପାଳିତ




ଝାରସୁଗୁଡ଼ା( ନି ପ୍ର)- ସ୍ଥାନୀୟ ଏଲ.ଏନ୍ କଲେଜ ପରିସରରେ ଜିଲ୍ଲା ପ୍ରଶାସନ ଏବଂ ଏନ.ଆଇ.ସି ର ମିଳିତ ସହଯୋଗରେ 'ସୁରକ୍ଷିତ ଇଣ୍ଟରନେଟ୍ ଦିବସ' ପାଳିତ ହୋଇଯାଇଛି। ଡିଜିଟାଲ ଯୁଗରେ ଇଣ୍ଟରନେଟର ସୁରକ୍ଷିତ ବ୍ୟବହାର ଏବଂ ସାଇବର ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।ଏହି କାର୍ଯ୍ୟକ୍ରମରେ ଏନ.ଆଇ.ସି ର (ଡିଆଇଓ) ତରଣୀ ବେହେରା ମୁଖ୍ୟ ବକ୍ତା ଭାବେ ଯୋଗଦେଇ ଡିଜିଟାଲ ଯୁଗରେ ସାଇବର ସୁରକ୍ଷାର ଆବଶ୍ୟକତା ଏବଂ ଇଣ୍ଟରନେଟ୍ ବ୍ୟବହାର ସମୟରେ ଅବଲମ୍ବନ କରାଯାଉଥିବା ସତର୍କତା ସମ୍ପର୍କରେ ଛାତ୍ରଛାତ୍ରୀମାନଙ୍କୁ ମାର୍ଗଦର୍ଶନ କରିଥିଲେ।

ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ବ୍ରଜ ବନ୍ଧୁ ଭୋଇ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶକୁନ୍ତଳା କିଶାନ ଏବଂ କଲେଜର ପ୍ରାଧ୍ୟାପକ ତପନ ବାରିକ ଉପସ୍ଥିତ ରହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପଦାର୍ଥ ବିଜ୍ଞାନ ଅଧ୍ୟାପକ ଜିତେନ୍ଦ୍ର ଦାସ, ଏନ.ଆଇ.ସି ଅଧିକାରୀ ଗୁଲୁ ଦୀପ ଏବଂ ଅଚ୍ୟୁତ ମିଶ୍ର ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚ଼ାଳନାରେ ସହଯୋଗ କରିଥିଲେ। ଏହି ଅବସରରେ ଇଣ୍ଟରନେଟର ସୁରକ୍ଷିତ ବ୍ୟବହାର ଦ୍ୱାରା କିଭଳି ସାଇବର ଠକେଇରୁ ରକ୍ଷା ପାଇହେବ, ସେ ନେଇ ବିସ୍ତୃତ ଆଲୋଚ଼ନା କରାଯାଇଥିଲା। ଏଥିସହ ଏହି ସଚେତନତା ସଭାରେ ଇଣ୍ଟରନେଟ୍ ବ୍ୟବହାର ସମୟରେ ବ୍ୟକ୍ତିଗତ ତଥ୍ୟର ସୁରକ୍ଷା ଏବଂ ଡିଜିଟାଲ ସାକ୍ଷରତାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ କଲେଜର ଅଧ୍ୟାପକ, ଅଧ୍ୟାପିକା ଏବଂ ବହୁ ସଂଖ୍ୟାରେ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ।

### ଜିଲ୍ଲାପାଳଙ୍କ ଲାଇକେରା ବ୍ଲକ ଗସ୍ତ

## ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା



ଝାରସୁଗୁଡା( ନି ପ୍ର) ଜିଲ୍ଲାପାଳ କୁଣାଲ ମୋତିରାମ ଚ଼ହ୍ୱାଣ ଗତ ୧୧ ତାରିଖ ଲାଇକେରା ବ୍ଲକ ଗସ୍ତ କରି ବିଭିନ୍ନ ଶିକ୍ଷା ଓ ଭିତ୍ତିଭୂମି ପ୍ରକଳ୍ପର ତଦାରଖ କରିଛନ୍ତି। ଗସ୍ତ ସମୟରେ ଜିଲ୍ଲାପାଳ ପ୍ରଥମେ ଜାମମାଲ ଗ୍ରାମ ପଞ୍ଚାୟତର ଗଞ୍ଜୁଡିହି ଗ୍ରାମରେ ପହଞ୍ଚି ନିର୍ମାଣାଧୀନ ହକି ଷ୍ଟାଡିୟମର କାର୍ଯ୍ୟ ଅନୁଧ୍ୟାନ କରିଥିଲେ। ଏହି ଷ୍ଟାଡିୟମ କାର୍ଯ୍ୟ ଯଥାଶୀଘ୍ର ସମ୍ପୂର୍ଣ୍ଣ କରିବାକୁ ସେ ସମ୍ପୃକ୍ତ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ଏହାପରେ ସେ ଜାମମାଲ ପଞ୍ଚାୟତ ହାଇସ୍କୁଲ ଏବଂ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିଦର୍ଶନ କରିଥିଲେ। ସେଠାରେ ସେ ଶିକ୍ଷକ, କର୍ମଚ଼ାରୀ ଓ ଛାତ୍ରଛାତ୍ରୀମାନଙ୍କ ସହ ସେମାନଙ୍କ ପାଠପଢା ଏବଂ ବିଦ୍ୟାଳୟର ସୁବିଧା ଅସୁବିଧା ବିଷୟରେ ପଚ଼ାରି ବୁଝିଥିଲେ। ଜିଲ୍ଲାପାଳ ଜାମମାଲସ୍ଥିତ ଜଗନ୍ନାଥ ମନ୍ଦିରକୁ ସଂଯୋଗ କରୁଥିବା ରାସ୍ତାର ମଧ ଅନୁଧ୍ୟାନ କରିଥିଲେ। ଏହି ଗସ୍ତ ସମୟରେ ଲାଇକେରା ବିଡ଼ିଓ ଏବଂ ସହକାରୀ ନିର୍ବାହୀ ଯନ୍ତ୍ରୀ ଉପସ୍ଥିତ ରହିଥିଲେ।

## ବେଦାନ୍ତ ଲିମିଟେଡ୍‌ରେ ବିଧାନସଭା ଷ୍ଟାଣ୍ଡିଂ କମିଟିର ସମୀକ୍ଷା, ପରିବେଶ ଓ ସୁରକ୍ଷାକୁ ପ୍ରାଥମିକତା



ଝାରସୁଗୁଡା( ନି ପ୍ର )- ବିଧାୟକ ସୁଧୀର ରଞ୍ଜନ ପାଟଜୋଶୀଙ୍କ ଅଧ୍ୟକ୍ଷତାରେ ଗଠିତ ବିଧାନସଭା ସପ୍ତମ ଷ୍ଟାଣ୍ଡିଂ କମିଟି ଝାରସୁଗୁଡ଼ା ସ୍ଥିତ ବେଦାନ୍ତ ଲିମିଟେଡ୍ ପରିଦର୍ଶନ କରି ଏକ ଉଚ୍ଚ଼ସ୍ତରୀୟ ସମୀକ୍ଷା ବୈଠକ କରିଛନ୍ତି। ଏହି ବୈଠକରେ କମିଟିର ସଦସ୍ୟ ମାନ୍ୟବର ବିଧାୟକ ଡକ୍ଟର ସି.ଏସ୍. ରାଜନ୍ ଏକ୍କା, ଟଙ୍କଧର ତ୍ରିପାଠୀ, ସୀତାଂଶୁ ଶେଖର ମହାପାତ୍ର ଏବଂ ଦୁର୍ଗା ଚ଼ରଣ ତନ୍ତୀଙ୍କ ସମେତ ଝାରସୁଗୁଡ଼ା ଜିଲ୍ଲାପାଳ କୁଣାଲ ମୋତିରାମ ଚ଼ହ୍ୱାଣ ଓ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) କିଶୋର ଚ଼ନ୍ଦ୍ର ସ୍ୱାଇଁ ଉପସ୍ଥିତ ରହି ଶିଳ୍ପ ପରିଚ଼ାଳନାର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଦିଗ ଉପରେ ଆଲୋଚ଼ନା କରିଛନ୍ତି। ବିଶେଷ କରି ଶିଳ୍ପାଞ୍ଚଳରେ ବୃଦ୍ଧି ପାଉଥିବା ପ୍ରଦୂଷଣକୁ ରୋକିବା ପାଇଁ କମ୍ପାନୀ ପକ୍ଷରୁ ଗ୍ରହଣ କରାଯାଇଥିବା ବ୍ୟବସ୍ଥା, କର୍ମଚ଼ାରୀଙ୍କ ନିରାପତ୍ତା ଓ କାରଖାନାର ସୁରକ୍ଷା ନିୟମାବଳୀ ଏବଂ ସାମାଜିକ ଦାୟିତ୍ୱବୋଧ (CSR) କାର୍ଯ୍ୟକ୍ରମ ଅଧୀନରେ ସ୍ଥାନୀୟ ଜନସାଧାରଣଙ୍କ ବିକାଶ ପାଇଁ ନିଆଯାଇଥିବା ପଦକ୍ଷେପଗୁଡ଼ିକ ଉପରେ ଏହି ବୈଠକରେ ତଦାରଖ କରାଯାଇଛି।

ଏହି ଆଲୋଚ଼ନା ସମୟରେ କମିଟି ପକ୍ଷରୁ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ପରିବେଶ ସୁରକ୍ଷା ପାଇଁ ଅତ୍ୟାଧୁନିକ ପ୍ରଦୂଷଣ ନିୟନ୍ତ୍ରଣ ବୈଷୟିକ ଜ୍ଞାନକୌଶଳର ବ୍ୟବହାର କରିବା ସହ ଆଖପାଖ ଅଞ୍ଚଳରେ ବ୍ୟାପକ ବୃକ୍ଷରୋପଣ ଉପରେ ଗୁରୁତ୍ୱ ଦେବାକୁ କୁହାଯାଇଛି। ସେହିଭଳି କାରଖାନା ପରିସରରେ ଶୂନ୍ୟ ଦୁର୍ଘଟଣା ନୀତିକୁ କଡ଼ାକଡ଼ି ପାଳନ କରିବା ଏବଂ ସି.ଏସ୍.ଆର୍ ପାଣ୍ଠିକୁ ସ୍ଥାନୀୟ ଲୋକଙ୍କ ସ୍ୱାସ୍ଥ୍ୟ, ଶିକ୍ଷା ଓ ଗମନାଗମନ ଭଳି ମୌଳିକ ସୁବିଧା ପାଇଁ ଅଧିକରୁ ଅଧିକ ବିନିଯୋଗ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସରକାରୀ ନିୟମର କୌଣସି ପ୍ରକାର ଖିଲାପ ନକରି ସ୍ଥାନୀୟ ପ୍ରଶାସନ ସହ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବା ପାଇଁ କମିଟି ପକ୍ଷରୁ ବେଦାନ୍ତର ବରିଷ୍ଠ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

## ଜିଲ୍ଲାସ୍ତରୀୟ ଆର୍ଥିକ ସାକ୍ଷରତା ଓ ଅନ୍ତର୍ଭୁକ୍ତିକରଣ କାର୍ଯ୍ୟକ୍ରମ ଅନୁଷ୍ଠିତ



ଝାରସୁଗୁଡ଼ା( ନି ପ୍ର)- ଝାରସୁଗୁଡ଼ା ଜିଲ୍ଲା ସଞ୍ଚୟ ଓ ଆର୍ଥିକ ସେବା ବିଭାଗ ଆନୁକୂଲ୍ୟରେ ଗତ ୧୩ ତାରିଖ ସଂସ୍କୃତି ଭବନ ପରିସରରେ ଏକ ଆର୍ଥିକ ସାକ୍ଷରତା ଓ ଆର୍ଥିକ ଅନ୍ତର୍ଭୁକ୍ତିକରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଝାରସୁଗୁଡ଼ା ବ୍ଲକର ବିଭିନ୍ନ ପଞ୍ଚାୟତରେ କାର୍ଯ୍ୟରତ ବ୍ୟାଙ୍କ ମିତ୍ର, ପ୍ରାଣୀ ମିତ୍ର, କୃଷି ମିତ୍ର ଏବଂ ଏମ.ବି.କେ. ମାନେ ବହୁ ସଂଖ୍ୟାରେ ଅଂଶଗ୍ରହଣ କରିଥିଲେ । କାର୍ଯ୍ୟକ୍ରମର ପ୍ରାରମ୍ଭରେ ଜିଲ୍ଲା ଆର୍ଥିକ ସେବା ଓ ସଞ୍ଚୟ ଅଧିକାରୀ ସୁମନା ପଣ୍ଡା ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ଅତିଥି ପରିଚ଼ୟ ପ୍ରଦାନ କରିଥିଲେ । ସେ ଏହି ଅବସରରେ ଆର୍ଥିକ ସାକ୍ଷରତାର ଆବଶ୍ୟକତା ଓ କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ ସମ୍ପର୍କରେ ଏକ ସଂକ୍ଷିପ୍ତ ବିବରଣୀ ଉପସ୍ଥାପନ କରିଥିଲେ ।

କାର୍ଯ୍ୟକ୍ରମରେ ଝାରସୁଗୁଡ଼ା ମୁଖ୍ୟ ଡାକଘରର ପୋଷ୍ଟମାଷ୍ଟର ପ୍ରତାପ ଚ଼ନ୍ଦ୍ର ଭୋଇ ଯୋଗଦେଇ ଭାରତ ସରକାରଙ୍କ ବିଭିନ୍ନ ସ୍ୱଳ୍ପ ସଞ୍ଚୟ ଯୋଜନା ବିଷୟରେ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପ୍ରଦାନ କରିଥିଲେ । ଏହାସହ ପୋଷ୍ଟାଲ ଇନସୁରାନ୍ସ ପି.ଏ. ଅଭିନବ ସାହୁ ଡାକ ବୀମାର ବିଭିନ୍ନ ଦିଗ ସମ୍ପର୍କରେ ଆଲୋଚ଼ନା କରିଥିଲେ । ଇଣ୍ଡିଆ ପୋଷ୍ଟ ପେମେଣ୍ଟ ବ୍ୟାଙ୍କର ଅଧିକାରୀ ସୁମିତ ପ୍ରମାଣିକ ସାମ୍ପ୍ରତିକ ସମୟରେ ବଢୁଥିବା ସାଇବର ଅପରାଧ ଉପରେ ଆଲୋକପାତ କରି ଏଥିରୁ ସୁରକ୍ଷିତ ରହିବାର ଉପାୟ ବତାଇଥିଲେ । ଷ୍ଟେଟ ବ୍ୟାଙ୍କର ଆର୍ଥିକ ସାକ୍ଷରତା ପରାମର୍ଶଦାତା ମୁକୁନ୍ଦ ମାଝୀ ବେଆଇନ ଚ଼ିଟଫଣ୍ଡ ସଂସ୍ଥାରେ ଅର୍ଥ ବିନିଯୋଗ କରିବାର ଅପକାରିତା ଓ ସେଥିରୁ ଦୂରେଇ ରହିବା ପାଇଁ ଉପସ୍ଥିତ ସମସ୍ତଙ୍କୁ ସଚେତନ କରିଥିଲେ ।ଅନ୍ୟମାନଙ୍କ ମଧ୍ୟରେ ଝାରସୁଗୁଡ଼ା ଓ.ଏଲ.ଏମ.ର ଡି.ପି.ଏମ. ପୁଷ୍ପାଶୀ ନାୟକ ଆର୍ଥିକ ସାକ୍ଷରତାର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଦିଗ ଉପରେ ନିଜର ବକ୍ତବ୍ୟ ରଖିଥିଲେ । କାର୍ଯ୍ୟକ୍ରମର ଶେଷରେ ଜିଲ୍ଲା ଆର୍ଥିକ ସେବା ଓ ସଞ୍ଚୟ ଅଧିକାରୀ ସୁମନା ପଣ୍ଡା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମ ପରିଚ଼ାଳନାରେ ଜିଲ୍ଲା ସଞ୍ଚୟ ଓ ଆର୍ଥିକ ସେବା ବିଭାଗର କର୍ମଚ଼ାରୀ ହେମକାନ୍ତ ବାଗ ଏବଂ ଜଗନ୍ନାଥ ରାଉତ ପ୍ରମୁଖ ସହଯୋଗ କରିଥିଲେ ।

### ବିଚ୍ଛିନ୍ନ ପରିବାରକୁ ଏକାଠି କରୁଛି 'ସ୍ନେହ ସେତୁ'

## ୪ ବର୍ଷ ପରେ ପରିବାରକୁ ଫେରିଲେ ଉତ୍ତରପ୍ରଦେଶର ସବା ନୁର




ଝାରସୁଗୁଡ଼ା( ନି ପ୍ର )-ଜିଲ୍ଲା ପ୍ରଶାସନର ନିଜସ୍ୱ 'ସ୍ନେହ ସେତୁ' ଅଭିଯାନ ଏବେ ଅନେକ ବିଚ୍ଛିନ୍ନ ପରିବାର ପାଇଁ ଆଶାର ଆଲୋକ ସାଜିଛି। ଜିଲ୍ଲାପାଳ କୁଣାଲ ମୋତିରାମ ଚ଼ହ୍ୱାଣଙ୍କ ମାନବୀୟ ଆଭିମୁଖ୍ୟ ଯୋଗୁଁ ପୁଣି ଜଣେ ନିଖୋଜ ବ୍ୟକ୍ତି ନିଜ ପରିବାରକୁ ଫେରି ପାଇଛନ୍ତି। ଏହି ଅଭିଯାନର ନିରନ୍ତର ପ୍ରୟାସ ଯୋଗୁଁ ଉତ୍ତରପ୍ରଦେଶର ସବା ନୁର ନାମ୍ନୀ ଜଣେ ମହିଳା ଦୀର୍ଘ ୪ ବର୍ଷ ପରେ ନିଜ ପରିବାର ସହ ପୁନର୍ମିଳିତ ହୋଇଛନ୍ତି।

ସୂଚ଼ନା ଅନୁଯାୟୀ, ସବା ନୁରଙ୍କୁ ସମ୍ବଲପୁର ଜିଲ୍ଲା ହୀରାକୁଦ ପୋଲିସ ଉଦ୍ଧାର କରିବା ପରେ ଝାରସୁଗୁଡ଼ା ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀଙ୍କ ତତ୍ତ୍ୱାବଧାନରେ ତାଙ୍କର ଯତ୍ନ ନିଆଯାଉଥିଲା। ସେଠାରେ ତାଙ୍କୁ ଆବଶ୍ୟକୀୟ କାଉନସେଲିଂ ପ୍ରଦାନ କରାଯିବା ସହ ତାଙ୍କ ଘରର ଠିକଣା ଖୋଜିବା ପାଇଁ 'ସ୍ନେହ ସେତୁ' ପ୍ରକ୍ରିୟା ଆରମ୍ଭ କରାଯାଇଥିଲା। ସବାଙ୍କ ପରିବାର ସଦସ୍ୟମାନେ ଝାରସୁଗୁଡ଼ାରେ ପହଞ୍ଚିବା ପରେ ଏକ ଭାବପୂର୍ଣ୍ଣ ପରିବେଶରେ ତାଙ୍କୁ ହସ୍ତାନ୍ତର କରାଯାଇଛି। ଦୀର୍ଘ ୪ ବର୍ଷର ଅପେକ୍ଷା ପରେ ତାଙ୍କୁ ପାଖରେ ପାଇ ପରିବାର ଲୋକେ ପ୍ରଶାସନ ଓ 'ସ୍ନେହ ସେତୁ' ଅଭିଯାନକୁ କୃତଜ୍ଞତା ଜଣାଇଛନ୍ତି। ସାମାଜିକ ପୁନର୍ବାସ କ୍ଷେତ୍ରରେ 'ସ୍ନେହ ସେତୁ' ଏକ ମାଇଲଖୁଣ୍ଟ ଭାବେ ଉଭା ହୋଇଛି, ଯାହା ନିରନ୍ତର ଭାବେ ଅସହାୟ ଲୋକଙ୍କୁ ନିଜ ଆତ୍ମୀୟଙ୍କ ସହ ଯୋଡ଼ିବାରେ ସଫଳ ହେଉଛି।

## ହୀରାକୁଦ ଆନ୍ତର୍ଜାତୀୟ ହାଫ୍ ମାରାଥନ୍-୨୦୨୬

# ୫ କିଲୋମିଟର ଦୌଡ଼ ପୂର୍ଣ୍ଣ କରି ଫିଟ୍‌ନେସ୍‌ର ବାର୍ତ୍ତା ଦେଲେ ଝାରସୁଗୁଡ଼ା ଜିଲ୍ଲାପାଳ



ସମ୍ବଲପୁର( ସ୍ୱ ପ୍ର)- ଐତିହାସିକ ହୀରାକୁଦ ମାଟିବନ୍ଧ ଉପରେ ଗତ ୧୫ ତାରିଖ 'ଏମସିଏଲ୍ ହୀରାକୁଦ ଇଣ୍ଟରନ୍ୟାସନାଲ ହାଫ୍ ମାରାଥନ୍-୨୦୨୬' ଅନୁଷ୍ଠିତ ହୋଇଯାଇଛି। ଏହି ବିଶ୍ୱସ୍ତରୀୟ କ୍ରୀଡ଼ା ମହୋତ୍ସବରେ ଝାରସୁଗୁଡ଼ା ଜିଲ୍ଲାପାଳ କୁଣାଲ ମୋତିରାମ ଚ୍ହାଣ ଏକ ନିଆରା ଉଦାହରଣ ସୃଷ୍ଟି କରିଛନ୍ତି। ଜଣେ ଦକ୍ଷ ପ୍ରଶାସକ ଭାବେ ନିଜର ବ୍ୟସ୍ତବହୁଳ କାର୍ଯ୍ୟସୂଚୀ ମଧ୍ୟରୁ ସମୟ ବାହାର କରି ସେ ନିଜେ ମଇଦାନକୁ ଓହ୍ଲାଇଥିଲେ ଏବଂ ୫ କିଲୋମିଟର ଦୌଡ଼ ସଫଳତାର ସହ ପୂର୍ଣ୍ଣ କରି ସମସ୍ତଙ୍କ ପାଇଁ ପ୍ରେରଣା ସାଜିଛନ୍ତି। ଜନସାଧାରଣଙ୍କ ସହ ତାଳ ଦେଇ ଜିଲ୍ଲାପାଳଙ୍କ ଏହି ଦୌଡ଼ 'ଫିଟ୍ ଇଣ୍ଡିଆ' ଅଭିଯାନକୁ ଅଧିକ ଗତିଶୀଳ କରିବା ସହ ଯୁବପିଢ଼ିଙ୍କ ମଧ୍ୟରେ ନୂଆ ଜୋସ୍ ଭରିଛି।

ଏହି ଆନ୍ତର୍ଜାତୀୟ ମାରାଥନକୁ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ତଥା ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଶ୍ରୀ ପ୍ରଧାନ କହିଥିଲେ ଯେ, ଭାରତ ୨୦୩୬ ଅଲିମ୍ପିକ୍ସ ଆୟୋଜନ ପାଇଁ ପ୍ରସ୍ତୁତି କରୁଥିବା ବେଳେ, ଓଡ଼ିଶାର ପ୍ରତିଭାବାନ ପିଲାମାନଙ୍କୁ ବିଶ୍ୱସ୍ତରୀୟ ମେଡାଲ ଜିତିବା ପାଇଁ ଆମକୁ ୨୦୨୬ରୁ ହିଁ ପ୍ରୟାସ କରିବାକୁ ହେବ। ଏହି ମାରାଥନ କେବଳ ଏକ ଦୌଡ଼ ନୁହେଁ, ବରଂ ଏହା ସମ୍ବଲପୁରର ସ୍ୱ?ର୍ଦ୍ଧ ମ୍ୟାନ୍ ସ୍ପିରିଟ୍ ଏବଂ ଦୃଢ଼ ସଂକଳ୍ପର ପ୍ରତୀକ। ୨୧ କିମି, ୧୦ କିମି, ୫ କିମି ଏବଂ ୧.୫ କିମି ଭଳି ବିଭିନ୍ନ ବର୍ଗରେ ଆୟୋଜିତ ଏହି ପ୍ରତିଯୋଗିତାରେ ଓଡ଼ିଶା ସମେତ ଦେଶର ବିଭିନ୍ନ ରାଜ୍ୟ ଏବଂ ପ୍ରାୟ ୧୦ଟି ବିଦେଶୀ ରାଷ୍ଟ୍ରରୁ ୧୦,୦୦୦ରୁ ଅଧିକ ଧାବକ ଅଂଶଗ୍ରହଣ କରିଥିଲେ।

ହୀରାକୁଦର ମନୋରମ ପ୍ରାକୃତିକ ପରିବେଶ ମଧ୍ୟରେ ଅନୁଷ୍ଠିତ ଏହି ମାରାଥନରେ କେନିଆ, ଇଥିଓପିଆ, ନାଇଜେରିଆ ଏବଂ ନେପାଳ ଭଳି ଦେଶର ଧାବକମାନେ ନିଜର କ୍ରୀଡ଼ା କୌଶଳ ପ୍ରଦର୍ଶନ କରିଥିଲେ। କେନ୍ଦ୍ରମନ୍ତ୍ରୀ ଏହି ଅବସରରେ ମହାନଦୀରେ ବୋଟିଂ କରିବାର ମଜା ନେବା ସହ ଏହି ଆୟୋଜନ ସମ୍ବଲପୁରକୁ ବିଶ୍ୱ ପର୍ଯ୍ୟଟନ ମାନଚିତ୍ରରେ ଏକ ସ୍ୱତନ୍ତ୍ର ସ୍ଥାନ ଦେବ ବୋଲି ଆଶା ପ୍ରକଟ କରିଥିଲେ। କାର୍ଯ୍ୟକ୍ରମରେ ରାଜ୍ୟର ସାଂସଦ, ବିଧାୟକ ଏବଂ ବରିଷ୍ଠ ପୋଲିସ ଓ ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ରହି କ୍ରୀଡ଼ାବିତ୍‌ମାନଙ୍କୁ ଉତ୍ସାହିତ କରିଥିଲେ।

# କଳିଙ୍ଗ ଷ୍ଟାଡିୟମରେ ୨୫୦ ନୂଆ ଆମ୍ବୁଲାନ୍ସର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର(ସ୍ୱ ପ୍ର) : ଆମ୍ବୁଲାନ୍ସ ସେବାର ଦକ୍ଷତା ଆଣି କମ୍ ସମୟରେ ରୋଗୀଙ୍କୁ ହସ୍ପିଟାଲ ପହଞ୍ଚାଇବା ଲକ୍ଷ୍ୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗତ ୧୦ ତାରିଖ କଳିଙ୍ଗ ଷ୍ଟାଡିୟମ ଠାରେ ଦ୍ୱିତୀୟ ପର୍ଯ୍ୟାୟରେ ୨୫୦ଟି ନୂଆ ଆମ୍ବୁଲାନସର ଶୁଭାରମ୍ଭ କରିଛନ୍ତି।ରାଜ୍ୟବାସୀଙ୍କୁ ଜରୁରୀକାଳୀନ ଚିକିତ୍ସା ସୁବିଧା ସମୟମଧ୍ୟରେ ପହଞ୍ଚାଇବା ଲକ୍ଷ୍ୟରେ ରାଜ୍ୟ ସରକାର ୪୨୮ଟି ନୂଆ ଆମ୍ବୁଲାନ୍ସ ସେବାର ବ୍ୟବସ୍ଥା କରିଛନ୍ତି। ଏହାର ପ୍ରଥମ ପର୍ଯ୍ୟାୟରେ ଗତ ୨୩ ଡିସେମ୍ବରରେ ୧୫୦ଟି ଆମ୍ବୁଲାନ୍ସର ଶୁଭାରମ୍ଭ ହୋଇଥିବା ବେଳେ କଳିଙ୍ଗ ଷ୍ଟାଡିୟମ ଭୁବନେଶ୍ୱରରେ ମୁଖ୍ୟମନ୍ତ୍ରୀ ୨୫୦ଟି ନୂଆ ଆମ୍ବୁଲାନ୍ସର ଲୋକାର୍ପଣ କରିଛନ୍ତି। ଏହି ସମସ୍ତ ଆମ୍ବୁଲାନ୍ସ ପାଇଁ ରାଜ୍ୟ ସରକାର ନିଜସ୍ୱ ପାଣ୍ଠିରୁ ପ୍ରାୟ ୧୧୧ କୋଟି ଟଙ୍କା ବିନିଯୋଗ କରିଛନ୍ତି।ବର୍ତ୍ତମାନ ସାରା ରାଜ୍ୟରେ ୮୬୬ଟି ଜରୁରୀକାଳୀନ ଆମ୍ବୁଲାନ୍ସ ସେବା ଚାଲୁଥିବା ବେଳେ, ଗର୍ଭବତୀ ମହିଳା ଏବଂ ଅସୁସ୍ଥ ଶିଶୁମାନଙ୍କ ପାଇଁ 'ଜନନୀ ଏକ୍ସପ୍ରେସ୍' ନାମରେ ଆଉ ୫୦୦ଟି ସ୍ୱତନ୍ତ୍ର ଆମ୍ବୁଲାନ୍ସ ସେବା ଯୋଗାଇ ଦିଆଯାଉଛି। ଏହି ଆମ୍ବୁଲାନ୍ସ ସେବାଗୁଡ଼ିକ ରାଜ୍ୟବାସୀଙ୍କ ପାଇଁ ଏକ ଜୀବନରେଖା ଭାବେ କାମ କରୁଛି।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, କମ୍ ସମୟରେ ରୋଗୀଙ୍କୁ ହସ୍ପିଟାଲରେ ପହଞ୍ଚାଇ ମୃତ୍ୟୁହାର କମାଇବା ରାଜ୍ୟ ସରକାରଙ୍କ ମୁଖ୍ୟ ଲକ୍ଷ୍ୟ। ସେଥିପାଇଁ ଆମ୍ବୁଲାନ୍ସ ସେବାକୁ ଅଧିକ ସୁଦୃଢ଼ ଏବଂ କାର୍ଯ୍ୟକ୍ଷମ କରିବା ଦିଗରେ ଲଗାତାର ପଦକ୍ଷେପ ନିଆଯାଉଛି।

ମୁଖ୍ୟମନ୍ତ୍ରୀ ପୁଣି କହିଥିଲେ ଯେ, ରାଜ୍ୟର ସବୁ ବ୍ଲକରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଏବଂ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ କଟକ ବଡ ମେଡିକାଲ୍ ପର୍ଯ୍ୟନ୍ତ ନିରନ୍ତର ଆମ୍ବୁଲାନ୍ସ ସେବା ଜାରି ରଖିବାକୁ ପଦକ୍ଷେପ ନିଆଯାଉଛି। ଏହା ବ୍ୟତୀତ ବିମାନ ଯୋଜନା ମାଧ୍ୟମରେ ରାଉରକେଲା ଓ ଜୟପୁର ପରି ଏୟାରଷ୍ଟ୍ରିପ୍‌ରେ ମଧ୍ୟ ଆମ୍ବୁଲାନ୍ସର ସେବା ଯୋଗାଇଦିଆଯିବ।

ସୂଚନାଯୋଗ୍ୟ ଯେ, ବର୍ତ୍ତମାନ ରାଜ୍ୟର ବିଭିନ୍ନ ବିମାନବନ୍ଦର ନିମନ୍ତେ ୫ଟି ଆଡ୍‌ଭାନ୍ସଡ ଲାଇଫ୍ ସପୋର୍ଟ ବା (ALS) ଆମ୍ବୁଲାନ୍ସ ଏବଂ ଝାରସୁଗୁଡା ସ୍ଥିତ କ୍ୟାନସର ହସ୍ପିଟାଲ ପାଇଁ ୨ଟି ALS ଆମ୍ବୁଲାନସ ବର୍ତ୍ତମାନ ନିୟୋଜିତ ଅଛି। ସାରା ରାଜ୍ୟରେ ଆମ୍ବୁଲାନ୍ସ ଜରିଆରେ ଦିନକୁ ହାରାହାରି ୫ ହଜାରରୁ ଅଧିକ ରୋଗୀଙ୍କୁ ସରକାରୀ ହସ୍ପିଟାଲକୁ ନିଆଯାଉଛି। ଏହି ଅବସରରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ, ଏକାମ୍ର ବିଧାୟକ ବାବୁ ସିଂ, ସ୍ୱାସ୍ଥ୍ୟ ବିଭାଗର କମିଶନର ତଥା ଶାସନ ସଚିବ ଅଶ୍ୱତୀ ଏସ୍, ଜାତୀୟ ସ୍ୱାସ୍ଥ୍ୟ ମିଶନର ନିର୍ଦ୍ଦେଶକ ଡକ୍ଟର ବୃନ୍ଦା ଡି ପ୍ରମୁଖ ଉପସ୍ଥିତ ଥିଲେ।

## ଜିଲ୍ଲା ପ୍ରଶାସନର 'ସ୍ନେହ ସେତୁ' ଅଭିଯାନ

# ଝାଡ଼ଖଣ୍ଡକୁ ଫେରିଲେ ଦୀର୍ଘ ଦିନରୁ ନିଖୋଜ ପୁତୁଲ ମାର୍ଡି



ଝାରସୁଗୁଡ଼ା( ନି ପ୍ର ):ସମ୍ପର୍କର ପରିଭାଷାକୁ ପୁଣି ଥରେ ସଜେଇ ଦେଇଛି ଝାରସୁଗୁଡ଼ା ଜିଲ୍ଲା ପ୍ରଶାସନର 'ସ୍ନେହ ସେତୁ' ଅଭିଯାନ। ଜିଲ୍ଲାପାଳ କୁଣାଲ ମୋତିରାମ ଚ୍ହାଣଙ୍କ ମାନବୀୟ ଆଭିମୁଖ୍ୟ ଯୋଗୁଁ ଜଣେ ନିଖୋଜ ବ୍ୟକ୍ତି ନିଜ ପରିବାରକୁ ଫେରି ପାଇଛନ୍ତି। ଝାଡ଼ଖଣ୍ଡର ପୂର୍ବ ସିଂହଭୂମ ଅଞ୍ଚଳରୁ ନିଖୋଜ ହୋଇ ବାଟବଣା ହୋଇଥିବା ପୁତୁଲ ମାର୍ଡି ନିଜ ଭାଇଙ୍କ ସହ ଘରକୁ ଫେରିଛନ୍ତି।ଗତ ଫେବୃଆରୀ ୧ ତାରିଖରେ ଟାଉନ ପୋଲିସ ଦ୍ୱାରା ସୁନାରୀମୁଣ୍ଡା ଅଞ୍ଚଳରୁ ଉଦ୍ଧାର ହୋଇଥିବା ପୁତୁଲଙ୍କ ପାଇଁ ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗ ତାଙ୍କ ପରିବାର ସହ ପୁନଃମିଳନ ପାଇଁ ଖୋଜିବା ଆରମ୍ଭ କରିଥିଲା। ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବିଭାଗୀୟ ଅଧିକାରୀମାନେ ଝାଡ଼ଖଣ୍ଡ ପ୍ରଶାସନ ସହ ଯୋଗାଯୋଗ କରି ପୁତୁଲଙ୍କ ପରିବାରର ସନ୍ଧାନ ପାଇଥିଲେ। ଝାରସୁଗୁଡ଼ା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ତାଙ୍କୁ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯାଇଅଛି ।

# ଜିଲ୍ଲା ଆଇନ ସେବା ପ୍ରାଧିକାରଣ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ



ଝାରସୁଗୁଡା ( ନି ପ୍ର )- ଗତ ୧୩ ତାରିଖ ଦିନ ଝାରସୁଗୁଡ଼ା ଜିଲ୍ଲା ଆଇନ ସେବା ପ୍ରାଧୀକରଣ ପକ୍ଷରୁ ତୃତୀୟଲିଙ୍ଗିଙ୍କ ଅଧିକାର ସମ୍ପର୍କିତ ଏକ ସଚେତନତା କାର୍ଯ୍ୟକ୍ରମ ଜିଲ୍ଲା ଓ ଶୈରାଜଜ୍ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧକ୍ଷ ପ୍ରଶାନ୍ତ କୁମାର ନାୟକଙ୍କ ନିର୍ଦ୍ଦେଶ କ୍ରମେ ପ୍ରାଧିକରଣର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଅଛି । ଏହି ସଚେତନତା କାର୍ଯ୍ୟକ୍ରମ ସ୍ଥାୟୀ ଲୋକ ଅଦାଲତର ଅଧକ୍ଷ ଅଶ୍ୱିନୀ କୁମାର ନାୟକ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିବା ବେଳେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବ ଆଲୋକମୟୀ ପ୍ରଧାନ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସୁରମା ବେସନ ପ୍ରମୁଖ ଯୋଗ ଦେଇଥିଲେ। ଅତିଥି ମାନେ ତୃତିୟଲିଙ୍ଗି ବ୍ୟକ୍ତି ମାନଙ୍କ ବିଭିନ୍ନ ସମସ୍ୟା, ସେମାନଙ୍କ ପାଇଁ ଥିବା ବିଭିନ୍ନ ଯୋଜନା ସହିତ ଜିଲ୍ଲା ଆଇନ ସେବା ପ୍ରାଧିକରଣ ର ବିଭିନ୍ନ ଯୋଜନା ଯଥା ମାଗଣା ଆଇନ ସେବା, ପୀଡ଼ିତା କ୍ଷତି ପୂରଣ ଯୋଜନା, ଲୋକ ଅଦାଲତ ଓ ମଧ୍ୟସ୍ଥତା ମାଧ୍ୟମରେ କୋର୍ଟ ରେ ବିଚାରାଧୀନ ମାମଲା ଗୁଡ଼ିକର ସମାଧାନ, ନାଲ୍ସା ର ଜାତୀୟ ହେଲ୍ପଲାଇନ ନମ୍ବର ୧୫୧୦୦ ଇତ୍ୟାଦି ବିଷୟରେ ଆଲୋଚନା କରିଥିଲେ ଏବଂ ଉପସ୍ଥିତ ଜନସାଧାରଣଙ୍କୁ ସଚେତନ କରାଇଥିଲେ । ଆଇନ୍ ସେବା ପ୍ରାଧିକରଣ ର ପ୍ୟାନେଲ ଓକିଲ, ପାରା ଲିଗାଲ ସ୍ୱେଚ୍ଛାସେବୀ ମାନେ ଉପସ୍ଥିତ ଥିଲେ। ସେହିପରି ଗତ ୧୧ ତାରିଖ ଦିନ ଲଇକେରା ବ୍ଲକ ଅନ୍ତର୍ଗତ ଲଇକେରା ପଞ୍ଚାୟତ ସମିତି କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଅଛି । ନାଲସା ର (ଆଶା- ସଚେତନତା, ସମର୍ଥନ, ସାହାଯ୍ୟ ଏବଂ କାର୍ଯ୍ୟ) ବାଲ୍ୟବିବାହ ଦୂରୀକରଣ ଯୋଜନା, ୨୦୨୫ ଅନ୍ତର୍ଗତ ମାନକ କାର୍ଯ୍ୟ ପ୍ରଣାଳୀ ଏବଂ ପ୍ରବାସୀ ଶ୍ରମିକଙ୍କ ବିଭିନ୍ନ ସମସ୍ୟା ସମ୍ପର୍କିତ ଏହି ଆଇନ୍ ସଚେତନତା କାର୍ଯ୍ୟକ୍ରମରେ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ସଚିବ ଆଲୋକମୟୀ ପ୍ରଧାନ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିବା ବେଳେ ଅନ୍ୟ ମାନଙ୍କ ମଧ୍ୟରେ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଜୟନ୍ତୀ ଗର୍ଡ଼ିଆ, ସହକାରୀ ଶ୍ରମ ଅଧିକାରୀ ଦୀପକ ଏକ୍କା, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରମୋଦ ଦେହୁରୀ ପ୍ରମୁଖ ଯୋଗ ଦେଇଥିଲେ।

# ଆନ୍ତର୍ଜାତୀୟ ମହିଳା ଦିବସ ୨୦୨୬ ଉପଲକ୍ଷେ ଜିଲ୍ଲା ସ୍ତରୀୟ କାର୍ଯ୍ୟଶାଳା



ଝାରସୁଗୁଡ଼ା( ନି ପ୍ର )- ଆନ୍ତର୍ଜାତୀୟ ମହିଳା ଦିବସ ୨୦୨୬ ଅବସରରେ ଝାରସୁଗୁଡ଼ା ଜିଲ୍ଲା ସମାଜ ମଙ୍ଗଳ ବିଭାଗ ପକ୍ଷରୁ ଏକ ଜିଲ୍ଲା ସ୍ତରୀୟ କାର୍ଯ୍ୟଶାଳା ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ବ୍ରଜବନ୍ଧୁ ଭୋଇ ଅଧ୍ୟକ୍ଷତା କରିଥିବାବେଳେ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ଜୟନ୍ତୀ ଗର୍ଡ଼ିଆ ସ୍ୱାଗତ ଭାଷଣ ପ୍ରଦାନ କରି ମହିଳା ସଶକ୍ତିକରଣକୁ ଏକ ନିରନ୍ତର ସାମାଜିକ ଆନ୍ଦୋଳନ ଭାବେ ଅଭିହିତ କରିଥିଲେ। ସେ ମହିଳାମାନଙ୍କ ଆଇନଗତ ଅଧିକାର ଓ ସାମାଜିକ ସ୍ଥିତି ସମ୍ପର୍କରେ ବ୍ୟାପକ ଆଲୋଚନା କରିଥିଲେ।

ଏହି କାର୍ଯ୍ୟଶାଳାରେ ବିଭିନ୍ନ କ୍ଷେତ୍ରରୁ ଆସିଥିବା ବିଶେଷଜ୍ଞମାନେ ରିସୋର୍ସ ପର୍ସନ୍ ଭାବେ ଯୋଗଦେଇ ମହିଳାମାନଙ୍କ ବିକାଶ ଓ ସୁରକ୍ଷା ଉପରେ ନିଜର ମୂଲ୍ୟବାନ ମତାମତ ରଖିଥିଲେ। ଲିଗାଲ୍ ଏମ୍ପାନେଲ୍ଡ ଆଡଭୋକେଟ ବି. ନାଗେଶ୍ୱରୀ ମହିଳାଙ୍କ ଆଇନଗତ ଅଧିକାର ଓ ସୁରକ୍ଷା ବ୍ୟବସ୍ଥା ବିଷୟରେ ସଚେତନତା ସୃଷ୍ଟି କରିଥିବାବେଳେ, ସେହାଡ଼ା ଏନଜିଓ ର ନିର୍ଦ୍ଦେଶକ ଆନନ୍ଦିନୀ ପାଢ଼ୀ ମହିଳାଙ୍କ ଆର୍ଥିକ ସ୍ୱାବଲମ୍ବନ ଓ ସାମାଜିକ ନେତୃତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ। ପୋଲିସ ପ୍ରଶାସନ ପକ୍ଷରୁ ଡିଏସପି ମାଡାମ୍ ହସଦା ମାଣ୍ଡୀ ମହିଳା ସୁରକ୍ଷା ଓ ଅପରାଧ ନିବାରଣ ସମ୍ପର୍କରେ ସୂଚନା ଦେଇଥିଲେ। ସେହିପରି ଚାଇଲ୍ଡ ୱେଲଫେୟାର କମିଟିର ଅଧକ୍ଷ ଆଶିଷ ପଣ୍ଡା ଶିଶୁ ସୁରକ୍ଷା ଓ ପରିବାର ମୂଲ୍ୟବୋଧ ଏବଂ ଓଏଲଏମ ର ଡିପିଏମ ପୁଷ୍ପଶ୍ରୀ ନାୟକ ମହିଳା ସ୍ୱୟଂ ସହାୟତା ଗୋଷ୍ଠୀ ମାଧ୍ୟମରେ ଆତ୍ମନିର୍ଭରଶୀଳ ହେବା ଉପରେ ନିଜର ବକ୍ତବ୍ୟ ରଖିଥିଲେ।

କାର୍ଯ୍ୟକ୍ରମର ପରିସମାପ୍ତିରେ ସଦର ସୁରକ୍ଷା ଅଧିକାରୀ ମୀନାକ୍ଷୀ ରାଜ ସମାପନୀ ଭାଷଣ ପ୍ରଦାନ କରି ଏକ ସମାନତାମୂଳକ ସମାଜ ଗଠନ ପାଇଁ ସମସ୍ତଙ୍କୁ ସଙ୍କଳ୍ପବଦ୍ଧ ହେବାକୁ ଆହ୍ୱାନ ଦେଇଥିଲେ। ପି.ଓ ଯାଜ୍ଞସେନୀ ମହାନନ୍ଦ ସଭା ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମର ସଫଳ ଆୟୋଜନରେ ଜିଲ୍ଲା ସଂରକ୍ଷକ ଲିଲେଶ୍ୱର ସାହୁ ଓ ଜିଲ୍ଲା ହବ୍‌ର ସମସ୍ତ କର୍ମଚାରୀମାନେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।

# ଜମିପଟ୍ଟା ସମ୍ବନ୍ଧୀୟ ସମସ୍ତ ସଂଶୋଧନ କାର୍ଯ୍ୟ ମିଶନ୍ ମୋଡରେ ସାରିବାକୁ ରାଜସ୍ୱ ବିଭାଗର ନିର୍ଦ୍ଦେଶ

ଭୁବନେଶ୍ୱର( ସ୍ୱ ପ୍ର) : ଓଡିଶା ସରକାର ରାଜ୍ୟର ସମସ୍ତ ଜିଲ୍ଲାରେ ଜମିପଟ୍ଟା ବା ରେକର୍ଡ ଅଫ ରାଇଟ୍ସ (ଜକ୍ଜ)ର ୨ ଖାନା (ଉକ୍ଟକ୍ଷଙ୍କଙ୍କ-୨) ସଂଶୋଧନ ସମ୍ବନ୍ଧୀୟ ଅପେକ୍ଷିତ ମାମଲାଗୁଡ଼ିକୁ ସମୟସୀମା ମଧ୍ୟରେ ଶୀଘ୍ର ସାରିବା ପାଇଁ କଡ଼ା ନିର୍ଦ୍ଦେଶ ଜାରି କରିଛନ୍ତି। ଜିଲ୍ଲାପାଳମାନଙ୍କୁ ବ୍ୟକ୍ତିଗତ ଭାବେ ଏହାର ନିରୀକ୍ଷଣ କରିବାକୁ କୁହାଯାଇଛି। ଗତ ଫେବୃଆରୀ ୧୩ ତାରିଖରେ ଜାରି ହୋଇଥିବା ପତ୍ରରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢୀ ସମସ୍ତ ଅପେକ୍ଷିତ ମାମଲାକୁ ମିଶନ୍ ମୋଡରେ ସମାଧାନ କରିବା ଓ କୌଣସି ପ୍ରକ୍ରିୟାଗତ ବିଳମ୍ବ ନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।ତହସିଲ୍ ଭିତ୍ତିକ ସମୀକ୍ଷା ପରେ ନୂଆପଡ଼ା, କୋରାପୁଟ, ବୌଦ୍ଧ, କଳାହାଣ୍ଡି, ମାଲକାନଗିରି ଓ ସମ୍ବଲପୁର ଆଦି ଜିଲ୍ଲାର ସକ୍ରିୟ ଅଗ୍ରଗତିକୁ ନେଇ ରାଜସ୍ୱ ସଚିବ ସନ୍ତୋଷ ପ୍ରକାଶ କରିଥିବା ବେଳେ କିଛି ଜିଲ୍ଲାରେ ଅଧିକ ବିଳମ୍ବ ଓ ଅସନ୍ତୋଷଜନକ ପ୍ରଗତି ନେଇ ଚିନ୍ତାବ୍ୟକ୍ତ କରିଛନ୍ତି । ଡ. ପାଢ଼ୀ କହିଛନ୍ତି ଯେ କଲମ-୨ ବା ଖତିଆନରେ ୨ ଖାନା ସଂଶୋଧନ କେବଳ ଏକ ସାଧାରଣ ସରକାରୀ ପ୍ରକ୍ରିୟା ନୁହେଁ ; ଏହା ଜମି ମାଲିକାନାର ସୁରକ୍ଷା ଓ ସରକାରୀ ସେବା ପ୍ରଦାନ ସହ ସିଧାସଳଖ ଭାବରେ ସମ୍ପୃକ୍ତ। ସଠିକ୍ ସଂଶୋଧନ ଓ ଚାଷୀ ପଞ୍ଜୀକରଣ ମାଧ୍ୟମରେ ଚାଷୀମାନେ ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି ଓ ଅନ୍ୟାନ୍ୟ ପ୍ରତ୍ୟକ୍ଷ ଲାଭ ହସ୍ତାନ୍ତର (ଡିବିଟି) ଯୋଜନାର ସିଧାସଳଖ ସୁଫଳ ପାଇପାରିବେ । ମାତ୍ର ଏଥିରେ ବିଳମ୍ବ ହେଲେ ନାଗରିକମାନେ ସିଧାସଳଖ ପ୍ରଭାବିତ ହେବେ ଏବଂ ପ୍ରଶାସନିକ କାର୍ଯ୍ୟକୁଶଳତା ହ୍ରାସ ପାଇବ।


DECLARATION

(Form-IV)

Statement about ownership & other particulars about Newspaper **'Pratishabda'** Odia Fortnightly published under section 19-D sub-section (b) of the press and registration of Book Act read with Rule-8 of the Registration of Newspapers (Central Rules) 1956.

1. Place of Publication : Bhubaneswar
2. Periodicity of Publication: Fortnightly
3. Printer's Name : **Ipsita Pati**
   Nationality : Indian
   Address : Plot No- 214/A, Sahid Nagar, Bhubaneswar, PIN- 751007, Khurda, Odisha
4. Publisher's Name : **Ipsita Pati**
   Nationality : Indian
   Address : Plot No- 214/A, Sahid Nagar, Bhubaneswar, PIN- 751007, Khurda, Odisha
5. Editor's Name : **Ipsita Pati**
   Nationality : Indian
   Address : Plot No- 214/A, Sahid Nagar, Bhubaneswar, PIN- 751007, Khurda, Odisha
   Pin Code-752101
6. Address of Publication : Plot No- 214/A, Sahid Nagar, Bhubaneswar, PIN- 751007, Khurda, Odisha
7. Owner's Name & Address :**Ipsita Pati**
   Plot No- 214/A, Sahid Nagar, Bhubaneswar, PIN- 751007, Khurda, Odisha

I, **Smt. Ipsita Pati,** hereby declare that the particulars given above are true to the best of my knowledge and belief.

Sd/-
**Smt. Ipsita Pati**
**Publisher**

Dt: 1.3.2026


## ପଞ୍ଚାୟତିରାଜ ବିଭାଗର ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ

# ସମସ୍ୟା ଜଣାନ୍ତୁ, ଆବଶ୍ୟକ ପଡିଲେ ନିଜେ ପ୍ରକଳ୍ପ ସ୍ଥଳ ପରିଦର୍ଶନ କରି ସମାଧାନ କରିବି : ମନ୍ତ୍ରୀ ଶ୍ରୀ ନାଏକ




ଭୁବନେଶ୍ୱର( ନି ପ୍ର)- ରାଜ୍ୟର ଗ୍ରାମାଞ୍ଚଳ ବିକାଶ ପ୍ରକ୍ରିୟାକୁ ତ୍ୱରିତ ବେଗରେ ଆଗେଇନେବା ପାଇଁ ଗତ ୧୪ ତାରିଖ ପଞ୍ଚାୟତିରାଜ ଓ ପାନୀୟ ଜଳ, ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବି ନାରାୟଣ ନାଏକଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି । ଏସ୍.ଆଇ.ଆର୍.ଡି (SIRD) ପରିସରସ୍ଥିତ ମନରେଗା ସୋସାଇଟି ସମ୍ମିଳନୀ କକ୍ଷରେ ଆୟୋଜିତ ଏହି ବୈଠକରେ ମନ୍ତ୍ରୀ ଶ୍ରୀ ନାଏକ ବିଭିନ୍ନ ଜିଲ୍ଲାରୁ ଆସିଥିବା ମୁଖ୍ୟ ଉନ୍ନୟନ ଅଧିକାରୀ (ସି.ଡି.ଓ) ଏବଂ ବ୍ଲକ ଉନ୍ନୟନ ଅଧିକାରୀ (ବି.ଡି.ଓ) ମାନଙ୍କ ସହ ବିଭାଗୀୟ ଯୋଜନାର ଅଗ୍ରଗତି ସମ୍ପର୍କରେ ଆଲୋଚନା କରିଥିଲେ। ଏହି ସମୀକ୍ଷାରେ ମୁଖ୍ୟତଃ 'ବିକଶିତ ଗାଁ ବିକଶିତ ଓଡ଼ିଶା' , ଅନ୍ତ୍ୟୋଦୟ ଗୃହ ଯୋଜନା, ମନରେଗା ଏବଂ ଗ୍ରାମୀଣ ସଂଯୋଗୀକରଣ ପ୍ରକଳ୍ପ ଉପରେ ଗୁରୁତ୍ୱ ଦିଆଯାଇଥିଲା।

ବୈଠକରେ ବିଭାଗୀୟ କମିଶନର-ତଥା-ଶାସନ ସଚିବ ଗିରିଶ ଏସ୍.ଏନ୍ ଙ୍କ ଉପସ୍ଥିତିରେ ଅଧିକାରୀମାନେ ପ୍ରକଳ୍ପଗୁଡ଼ିକର ବ୍ଲକସ୍ତରୀୟ ଅଗ୍ରଗତି, ସ୍ଥିତି ଓ ବ୍ୟୟ ସମ୍ପର୍କିତ ସମସ୍ତ ତଥ୍ୟ ମାନ୍ୟବର ମନ୍ତ୍ରୀଙ୍କ ସମ୍ମୁଖରେ ଉପସ୍ଥାପନ କରିଥିଲେ । ଏହି ଅବସରରେ ଯେଉଁ ବ୍ଲକଗୁଡ଼ିକରେ ପ୍ରକଳ୍ପ କାର୍ଯ୍ୟର ଗତି ଧୀମା ରହିଛି, ସେଠାରେ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ମାନ୍ୟବର ମନ୍ତ୍ରୀ ପରାମର୍ଶ ଦେଇଥିଲେ । ବୈଠକରେ ଉପସ୍ଥିତ ଅଧିକାରୀମାନଙ୍କୁ ଉତ୍ସାହିତ କରିବା ସହ ସେମାନଙ୍କ କର୍ତ୍ତବ୍ୟନିଷ୍ଠା ଉପରେ ଭରସା ପ୍ରକଟ କରି ମାନ୍ୟବର ମନ୍ତ୍ରୀ କହିଥିଲେ ଯେ, 'ଗ୍ରାମୀଣ ଓଡ଼ିଶାର ବିକାଶ ପାଇଁ ଆମେ ଅଧିକ କାର୍ଯ୍ୟ କରିବାକୁ ସମର୍ଥ, ଏହି ବାର୍ତ୍ତା କାର୍ଯ୍ୟ ମାଧ୍ୟମରେ ପ୍ରତିଫଳିତ ହେବା ଦରକାର। ସରକାରଙ୍କ ପାଖରେ ପାଣ୍ଠିର ଅଭାବ ନାହିଁ; ଆମର କାର୍ଯ୍ୟ ହିଁ ଆମର ଦକ୍ଷତା ଓ ପ୍ରତିବଦ୍ଧତାର ପ୍ରମାଣ। କ୍ଷେତ୍ରସ୍ତରରେ କୌଣସି ସମସ୍ୟା ଥିଲେ ଜଣାନ୍ତୁ, ଦରକାର ପଡିଲେ ମୁଁ ନିଜେ ସେଠାରେ ପହଞ୍ଚି ସମସ୍ୟାର ସମାଧାନ କରିବି।'

ରାଜ୍ୟର ସମସ୍ତ ଗାଁକୁ ରାସ୍ତା ଦ୍ୱାରା ଯୋଡ଼ିବା ଉପରେ ଗୁରୁତ୍ୱ ଦେଇ ସେ ଏହି କାର୍ଯ୍ୟକୁ ଧାର୍ଯ୍ୟ ସମୟ ମଧ୍ୟରେ ସାରିବାକୁ ନିର୍ଦ୍ଦେଶ ଦେଇଥିଲେ। 'ବିକଶିତ ଗାଁ ବିକଶିତ ଓଡ଼ିଶା' ଯୋଜନା ଗାଁର ଚେହେରା ବଦଳାଇବାର ସାମର୍ଥ୍ୟ ରଖିଛି ବୋଲି ସେ ମତ ପ୍ରକାଶ କରିଥିଲେ। ସେହିପରି ସ୍ୱତନ୍ତ୍ର ପ୍ରକଳ୍ପ ନିର୍ଦ୍ଦେଶକ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସମ୍ପୂର୍ଣ୍ଣ ହୋଇଥିବା କାମର ବିଲ୍ ଓ କାଗଜପତ୍ର ସଠିକ୍ ସମୟରେ ଦାଖଲ କରିବା ଉପରେ ଗୁରୁତ୍ୱ ଦେଇଥିଲେ। ଏହାଦ୍ୱାରା ପ୍ରକଳ୍ପର ପ୍ରକୃତ ସ୍ଥିତି ସରକାରୀ ରେକର୍ଡରେ ସଠିକ୍ ଭାବେ ପ୍ରତିଫଳିତ ହେବ ଏବଂ ସମୀକ୍ଷା ପ୍ରକ୍ରିୟା ଅଧିକ ଫଳପ୍ରଦ ହୋଇପାରିବ।

ଏହି ଗୁରୁତ୍ୱପୂର୍ଣ୍ଣ ବୈଠକରେ ବିଭାଗର ବରିଷ୍ଠ ଅଧିକାରୀଙ୍କ ସମେତ ରାଜ୍ୟର ୩୦ ଜଣ ସି.ଡି.ଓ ଏବଂ ୩୮ ଜଣ ବି.ଡି.ଓ ଯୋଗ ଦେଇଥିଲେ। ବ୍ଲକସ୍ତରରେ ଏକ ସ୍ୱଚ୍ଛ ଓ ଦାୟିତ୍ୱବାନ ପ୍ରଶାସନ ମାଧ୍ୟମରେ 'ବିକଶିତ ଓଡ଼ିଶା' ଗଠନ ପାଇଁ ସଂକଳ୍ପ ନେବା ସହ, ଗ୍ରାମାଞ୍ଚଳର ବିକାଶ କାର୍ଯ୍ୟକୁ ଅଧିକ ତ୍ୱରାନ୍ୱିତ ଓ ସୁଦୃଢ଼ କରିବା ପାଇଁ ସମସ୍ତ ଅଧିକାରୀ ସମ୍ମତି ପ୍ରକାଶ କରିଥିଲେ।


Printed, Published, edited and owned by Ipsita Pati, published from Plot No-214/A, Sahid Nagar, Bhubaneswar, PIN- 751007, Odisha and Printed at Ray Publications, Plot No-17, Rajarani Lewis Road, Bhubaneswar, PIN- 751014, Khurda, Odisha. email: pratishabda7@gmail.com

Editor- Ipsita Pati

ସମ୍ପାଦିକା: ଇପ୍‌ସିତା ପତି